୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.63 Bhubaneswar Friday April 12 2024 | ୨୬ତମ ବର୍ଷ ସଂଖ୍ୟା-୬୩ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଜେପିରୁ ଇସ୍ତଫା ଦେଇ ବିଜେଡିରୁ ଟିକେଟ୍ ହାତେଇଲେ ଲେଖାଶ୍ରୀ, ବାଲେଶ୍ୱରରେ ପ୍ରତାପ ଷଡଙ୍ଗୀଙ୍କୁ ଦେବେ ଟକ୍କର



ବାଲେଶ୍ୱର,୧୧।୪(ପି.ଏନ): ବିଜେଡି ତା'ର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଆଜି ଘୋଷଣା କରିଛି। ଏଥିରେ ଲୋକସଭା ପାଇଁ ବାକି ରହିଥିବା ଏକମାତ୍ର ବାଲେଶ୍ୱର ଆସନରେ ଦଳ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ପ୍ରାର୍ଥୀ କରିଛି। ବିଜେପି ଏହି ଆସନରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ପୁଣି ପ୍ରାର୍ଥୀ କରିଥିବା ବେଳେ ବିଜେଡି ତାଙ୍କୁ ମାତ୍ ଦେବା ଲାଗି ଲେଖାଶ୍ରୀଙ୍କୁ ପ୍ରାର୍ଥୀ କରି ଏଠାରେ ମହିଳାକାର୍ଡ ଖେଳିଛି। ଫଳରେ ଏହି ଆସନରେ ଏଥର ଲୋକସଭାରେ ବଡ ଲଢେଇ ଦେଖିବାକୁ ମିଳିବ।ଲେଖାଶ୍ରୀ ବାଲେଶ୍ୱର ଜିଲ୍ଲା ନୀଳଗିରି ମାଟିର ବୋହୂ ହୋଇଥିବା ବେଳେ ବିଜେଡିରେ ମିଶିବା ପରେ ଦଳ ଏଠାରେ ତାଙ୍କୁ ସାଂସଦ ପ୍ରାର୍ଥୀ କରି ମହିଳାକାର୍ଡ ଖେଳିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ନୀଳଗିରି ବ୍ଲକ କାଂଶ ଗ୍ରାମରେ ଲେଖାଶ୍ରୀଙ୍କ ଶାଶୂଘର। ସ୍ୱାମୀ ବିଜୟ ମହାନ୍ତି ଜଣେ ଆଲାଏଡ୍ ଅଫିସର। ସେହିପରି ବିଶିଷ୍ଟ ସାହିତ୍ୟିକା ଶକୁନ୍ତଳା ବଳିୟାରସିଂଙ୍କ ଝିଅ ହେଉଛନ୍ତି ଲେଖାଶ୍ରୀ। ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ସେ ଜଣେ ସ୍ୱର୍ଣ୍ଣପଦକ ପ୍ରାପ୍ତ ମେଧାବୀ ଛାତ୍ରୀ ହୋଇଥିବା ବେଳେ ପରିବେଶ ବିଜ୍ଞାନ ଉପରେ ଗବେଷଣା କରି ପିଏଚ୍ଡି ଡିଗ୍ରି ମଧ୍ୟ ହାସଲ କରିଛନ୍ତି। ଏଥିସହ ରେଭେନ୍ସା ସମେତ ବିଭିନ୍ନ ମହାବିଦ୍ୟାଳୟରେ ସେ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଥିଲେ।ତେବେ ୨୦୧୪ରେ ସେ ବିଜେଡିରୁ ନୀଳଗିରି ଆସନ ପାଇଁ ଲବି କରି ନିରାଶ ହେବା ପରେ ବିଜେପିରେ ସାମିଲ ହୋଇଥିଲେ। ୨୦୧୯ରେ ବିଜେପିରୁ ବାଲେଶ୍ୱର ଲୋକସଭା ଆସନ ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କୁ ପ୍ରାର୍ଥୀ କରିନଥିଲେ ମଧ୍ୟ ଦଳର ଉପସଭାପତି, ମୁଖପାତ୍ର ସମେତ ରାଷ୍ଟ୍ରାୟତ୍ତ କମ୍ପାନି ଗେଲ୍ ବା ଭାରତ ହେଭି ଓ୍ୱେଟ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ ପଦରେ ରଖିଥିଲା। ଚଳିତ ନିର୍ବାଚନରେ ଦଳ ତାଙ୍କୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ କରି ଗତ ୭ ତାରିଖରେ ଇସ୍ତଫା ଦେଇଥିଲେ ଏବଂ କିଛି ଘଣ୍ଟା ପରେ ବିଜେଡିରେ ସାମିଲ ହୋଇଥିଲେ। ତେବେ ଉଭୟ ବିଜେପି ଓ ବିଜେଡି ତାଙ୍କର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କଂଗ୍ରେସ ଏଠାରେ କାହାକୁ ପ୍ରାର୍ଥୀ କରିବ, ତାହା ଦେଖିବାକୁ ବାକି ରହିଲା।

## ଭୂପିନ୍ଦରଙ୍କୁ ଉଚିତ୍ ଶିକ୍ଷା: ୫ ବିଧାୟକ ରିପିଟ୍, ୨ ବିଧାୟକଙ୍କ ଟିକେଟ୍ କଟିଲା, ଜୟପୁର ଝୁଲିଲା



ଭୁବନେଶ୍ୱର,୧୧।୪(ପି.ଏନ): ବିଜେଡି ଆଜି ନିଜର ଚତୁର୍ଥ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକାରେ ଆଉ ୯ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଏଥିରେ ଦଳ ୫ଜଣ ବିଧାୟକଙ୍କୁ ରିପିଟ୍ କରିଥିବା ବେଳେ ୨ ଜଣ ବିଧାୟକଙ୍କ ଟିକେଟ୍ କାଟିଛି। ୨ ଜଣ ମହିଳାଙ୍କୁ ନବାଗତ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛି। ଆଜିର ପ୍ରାର୍ଥୀଙ୍କୁ ମିଶାଇଲେ ଦଳ ଏପର୍ଯ୍ୟନ୍ତ ମୋଟ ୧୧୭ଟି ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ତତକାଳୀନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ଅପ୍ରତ୍ୟାଶିତ ଢଙ୍ଗରେ ବିଜେଡିରେ ସାମିଲ ହେବାର ଫଳ ଆଜି ତାଙ୍କୁ ଭୋଗିବାକୁ ପଡିଛି । ବିଜେଡି ତାଙ୍କୁ ସମ୍ପୂର୍ଣ୍ଣ ଅଲୋଡା କରିଦେଇଛି ଓ ଟିକେଟରୁ ବଂଚିତ କରିଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଚତୁର୍ଥ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଯେଉଁ ବିଧାୟକମାନଙ୍କୁ ଦଳ ରିପିଟ୍ କରିଛି ସେମାନେ ହେଲେ ରେଢ଼ାଖୋଲ-ରୋହିତ ପୂଜାରୀ, ତାଳଚେର-ବ୍ରଜକିଶୋର ପ୍ରଧାନ, ବାଲିଗୁଡା-ଚକ୍ରମଣି କହଁର, ଲକ୍ଷ୍ମୀପୁର-ପ୍ରଭୁ ଜାନି ଓ ଭୁବନେଶ୍ୱର ସେଂଟ୍ରାଲ-ଅନନ୍ତ ନାରାୟଣ ଜେନା। ଯେଉଁ ବିଧାୟକଙ୍କ ଟିକେଟ୍ କାଟିଛି ସେମାନେ ହେଲେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ। ତେବେ ସମ୍ବିତଙ୍କ ପତ୍ନୀ ନବାଗତା ଗୀତାଞ୍ଜଳି ରାଉତରାୟଙ୍କୁ ଦଳ ପାରାଦୀପରୁ ପ୍ରାର୍ଥୀ କରିଛି । ସେହିପରି ନର୍ଲାରେ ଭୂପିନ୍ଦରଙ୍କ ବଦଳରେ ସେଠାର ବ୍ଲକ ଅଧ୍ୟକ୍ଷଙ୍କ ପତ୍ନୀ ନବାଗତା ମନୋରମା ମହାନ୍ତିଙ୍କୁ ପ୍ରାର୍ଥୀ କରିଛି।ସେହିପରି ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକ ପୂର୍ବରୁ ଦଳରୁ ଇସ୍ତଫା ଦେଇସାରିଥିବାବେଳେ ସେଠାରେ ମାଧବ ସର୍ଦ୍ଦାର ଓ ସମ୍ବଲପୁର ଆସନରେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଛି । ସମ୍ବଲପୁରରୁ ଟିକେଟ୍ ପାଇଁ ରାସେଶ୍ୱରୀ ପାଣିଗ୍ରାହୀ ଓ ସଞ୍ଜୟ ବାବୁ ଆଶାୟୀ ଥିଲେ ।

### ୩ ଜଣଙ୍କ ଉପରେ ମାଡିଗଲା ଟ୍ରକ, ଏନଏଚ୍ କାମରେ ଥିଲେ ନିୟୋଜିତ

ଭୁବନେଶ୍ୱର,୧୧।୪(ପି.ଏନ): ବରଗଡରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଆଜି ୩ ଜଣଙ୍କ ଉପରେ ଏକ ଟ୍ରକ ଚଢ଼ିଯିବାରୁ ସମସ୍ତଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଏନଏଚ୍ କାମରେ ଏହି କର୍ମଚାରୀ ନିୟୋଜିତ ଥିବା ବେଳେ ତାଙ୍କ ଉପରେ ଟ୍ରକ ଚଢ଼ିଯାଇଛି । ଏହି ଦୁଃଖଦ ଘଟଣା ବରଗଡରେ ଘଟିଛି । ବରଗଡ ସୋହେଲା ରାୟପୁର ରୋଡ୍ ସ୍ଥିତ ଲୁହୁରାଚଟି ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ।

### ଭୁବନେଶ୍ୱର; ସୁଧ କାରବାରକୁ ନେଇ ବୋମା ଓ ପଥର ମାଡ, ଦୁଇ ଗୁରୁତର

ଭୁବନେଶ୍ୱର,୧୧।୪(ପି.ଏନ): ପୁଣି ଅଶାନ୍ତ ହେଲା ରାଜଧାନୀ ଭୁବନେଶ୍ୱର ପଟିଆ ଅଞ୍ଚଳର ପଦ୍ମକେଶରପୁର । ବୋମା ଓ ପଥର ମାଡରେ ଗୋଟିଏ ପରିବାରର ଦୁଇଜଣ ଗୁରୁତର । ରାଜଧାନୀରେ ଗୋଟିଏ ପରେ ଗୋଟିଏ ଆସୁଛି ଏଭଳି ଚାଞ୍ଚଲ୍ୟ ଖବର । ମଞ୍ଚ ?ଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରପୁର ଗାଁରେ ଗତକାଲି ବିଳମ୍ବିତ ରାତିରେ ବୋମାମାଡ ହୋଇଥିବାର ଖବର ମିଳିଛି । ସୁଧ କାରବାରକୁ ନେଇ ଏକ ଘର ଉପରକୁ ବୋମାମାଡ ହୋଇଥିଲା । ଏଥିରେ ୨ ଜଣ ଗୁରୁତର ହୋଇଥିଲେ । ଉଭୟେ ହେଲେ ଶଶୁର ଓ ବୋହୂ । ଉଭୟଙ୍କୁ ଉଦ୍ଧାର କରାଯାଇ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଗାଁରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ଜଣାଯାଇଛି । ସୁଧ ଟଙ୍କା ଆଦାୟକୁ ନେଇ ଏହି ବୋମାମାଡ ହୋଇଥିବା ସୂଚନା ମିଳିଛି ।ତେବେ ଖବର ଅନୁସାରେ ଗତବର୍ଷ ଅକ୍ଟୋବର ମାସରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା ।

## ବିଧାୟକ ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ସଭ୍ୟପଦ ରଦ୍ଦ: ରାଜ୍ୟ ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ



ଭୁବନେଶ୍ୱର,୧୧।୪(ପି.ଏନ): ଆସନ୍ତା ୧୯ ତାରିଖରୁ ଦେଶରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ଆରମ୍ଭ ହେବାକୁ ଯାଉଛି । ସେହିପରି ମେ ୧୩ରୁ ଓଡିଶାରେ ୪ଟି ପର୍ଯ୍ୟାୟରେ ମତଦାନ ଆରମ୍ଭ ହେବ । ତେବେ ନିର୍ବାଚନର ମତଦାନ ପୂର୍ବରୁ ରାଜନୈତିକ ଦଳମାନେ ବିଭିନ୍ନ ପର୍ଯ୍ୟାୟରେ ନିଜ ନିଜର ପ୍ରାର୍ଥୀ ତାଲିକା ଜାରି କରୁଛନ୍ତି । ଏଭଳି ସ୍ଥିତିରେ ନେତାଙ୍କର ଦଳ ବଦଳ ପ୍ରକ୍ରିୟା ଦେଖିବାକୁ ମିଳିଛି ।ତେବେ ଏହା ମଧ୍ୟରେ ଆସିଛି ଏକ ବଡ ଖବର । ରାଜ୍ୟ ବିଧାନସଭାର ଦୁଇଜଣ ବିଧାୟକଙ୍କର ସଭ୍ୟପଦ ରଦ୍ଦ ହୋଇଛି । ବିଧାୟକ ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ସଭ୍ୟପଦ ରଦ୍ଦ ହୋଇଛି । ଏନେଇ ରାଜ୍ୟ ବିଧାନସଭା ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ବିଧାୟକ ଅରବିନ୍ଦ ଢାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କ ସଭ୍ୟପଦ ବାଚସ୍ପତି ରଦ୍ଦ କରିଛନ୍ତି ।ସୂଚନାଯୋଗ୍ୟ ଯେ, ଗତ ମାସ ୨ ତାରିଖରେ ଅରବିନ୍ଦ ବିଜେଡିରୁ ଇସ୍ତଫା ଦେଇଥିଲେ । ଏହାପରେ ୩ ତାରିଖରେ ସେ ବିଜେପିରେ ସାମିଲ ହୋଇଥିଲେ । ସେହିପରି ଗତ ଫେବୃଆରୀ ମାସ ୯ ତାରିଖରେ ପ୍ରେମାନନ୍ଦ ବିଜେଡିରୁ ଇସ୍ତଫା ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ବିଜେପିରେ ସାମିଲ ହୋଇଥିଲେ । ତେଣୁ ଏହି ଦୁଇ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ବାଚସ୍ପତିଙ୍କୁ ବିଜେଡି ପକ୍ଷରୁ ଚିଠି କରାଯାଇଥିଲା ।

## ରାହୁଲ ଗାନ୍ଧିଙ୍କ ବଡ ଘୋଷଣା: ଗୋଟିଏ ଝଟକାରେ ଦେଶରୁ ହଟିବ ଗରିବୀ



ଭୁବନେଶ୍ୱର,୧୧।୪(ପି.ଏନ): ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଜି ବଡ ଘୋଷଣା କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। କଂଗ୍ରେସ ଯଦି ଲୋକସଭା ନିର୍ବାଚନରେ କ୍ଷମତା ଦଖଲ କରିବ, ତା'ହେଲେ ଗୋଟିଏ ଝଟକାରେ ଦେଶରୁ ଦୂର ହେବ ଗରିବୀ। କଂଗ୍ରେସ ସରକାର ଏମିତି ଏକ ଯୋଜନା ଲାଗୁ କରିବ, ଯାହା ଗୋଟିଏ ଥରରେ ଦେଶରୁ ଗରିବୀକୁ ହଟାଇ ଦେବ। ଦେଶରେ ଲକ୍ଷେ ଟଙ୍କିଆ ଯୋଜନା ଲାଗୁ ହେବ ବୋଲି ରାହୁଲ ଗାନ୍ଧି କହିଛନ୍ତି।ରାଜସ୍ଥାନର ଅନୁପଗଡରେ ଆୟୋଜିତ ଏକ ନିର୍ବାଚନୀ କାର୍ଯ୍ୟକ୍ରମରେ ରାହୁଲ ଦେଶରୁ ଦାରିଦ୍ର୍ୟ ବା ଗରିବୀ ହଟାଇବା ଉପରେ ଫୋକସ କରିଛନ୍ତି। ସେ କହିଛନ୍ତି, "କଂଗ୍ରେସ ସରକାର ଦେଶର ପ୍ରତିଟି ଗରିବ ପରିବାରର ଜଣେ ମହିଳାଙ୍କ ଆକାଉଣ୍ଟକୁ ବର୍ଷକୁ ୧ ଲକ୍ଷ ଟଙ୍କା ପଠାଇବ। ଯଦି ଆପଣ ଗରିବୀ ରେଖା ତଳେ ଅଛନ୍ତି, ତା'ହେଲେ ପ୍ରତିବର୍ଷ ପରିବାରର ଜଣେ ମହିଳାଙ୍କ ଆକାଉଣ୍ଟକୁ ଖଟାଖଟ ଖଟାଖଟ ୧ ଲକ୍ଷ ଟଙ୍କା ଲେଖାଏ ଯିବ। ଟଙ୍କା ସେହି ଯାଏ ଯିବ, ଯେଉଁ ପର୍ଯ୍ୟନ୍ତ ପରିବାର ଗରିବ ରେଖା ଉପରକୁ ଉଠି ନାହିଁ।

## ବିଜେଡି ଇସ୍ତାହାର କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ ହସ୍ପିଟାଲରେ ଭର୍ତ୍ତି



ଭୁବନେଶ୍ୱର,୧୧।୪(ପି.ଏନ): ବିଜେଡି ନିର୍ବାଚନ ଇସ୍ତାହାର କମିଟି ଅଧ୍ୟକ୍ଷ ତଥା ସାଂସଦ ଚନ୍ଦ୍ରଶେଖର ସାହୁ ଅସୁସ୍ଥ । ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ, ବ୍ରହ୍ମପୁରର ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ଡାକ୍ତରଙ୍କ ଏକ ଟିମ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥାର ତଦାରଖ କରୁଛନ୍ତି । ଦୁଇ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ମାନସ ମଙ୍ଗରାଜଙ୍କ ସମେତ ବିଜେଡି ନେତା ଭିକେ ପାଣ୍ଡିଆନ ଆଜି ଶ୍ରୀ ସାହୁଙ୍କୁ ହସ୍ପିଟାଲରେ ଭେଟିଥିଲେ ।ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସାଂସଦ ଶ୍ରୀ ପାତ୍ର କହିଛନ୍ତି ଯେ, ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଡାକ୍ତରମାନେ ତାଙ୍କର କେତେକ ପରୀକ୍ଷାନିରୀକ୍ଷା କରିଛନ୍ତି । ସେ ଏବେ ଡାକ୍ତରଙ୍କ ତଦାରଖରେ ଅଛନ୍ତି ।ସେହିପରି ହସ୍ପିଟାଲ ସୂତ୍ର ଅନୁସାରେ, ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ୨-୩ଦିନ ମଧ୍ୟରେ ସୁଧାର ଆସିଲେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବ। ଉଲ୍ଲେଖଯୋଗ୍ୟ, ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନିର୍ବାଚନୀ ଇସ୍ତାହାର କମିଟିର ୩୮ଜଣିଆ କମିଟି ଘୋଷଣା କରିଥିଲେ ଓ ଏହି କମିଟିର ଅଧ୍ୟକ୍ଷ ଭାବେ ସାଂସଦ ଶ୍ରୀ ସାହୁ ରହିଛନ୍ତି ।

## ପୁଣି କଲବଲ କରିବ ତାତି, କାଲିଠୁ ୪ ଦିନ ଯାଏ ୬ରୁ ୮ ଡିଗ୍ରୀ ବଢ଼ିବ ଦିନ ତାପମାତ୍ରା

ଭୁବନେଶ୍ୱର,୧୧।୪(ପି.ଏନ): ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। ବର୍ଷା ନହେଲେ ବି ଅନେକ ସ୍ଥାନରେ ପାଗ କୋହଲା ରହିଛି। ଫଳରେ ତାପମାତ୍ରା କମିଛି। ଲୋକେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଛନ୍ତି। ଆଜି ପୂରା ରାଜ୍ୟରେ ମେଘୁଆ ପାଗ ରହିଛି ତଥା ଅନେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବଢ଼ିବ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ତା' ଏକ୍ସରେ ଲେଖିଛି ଯେ ଆସନ୍ତାକାଲିଠାରୁ ୪ ଦିନ ଯାଏ ଦିନର ତାପମାତ୍ରା ୬ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆସନ୍ତାକାଲି ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରହିପାରେ ବୋଲି ଆକଳନ କରାଯାଇଥିବା ବେଳେ ମାଲକାନଗିରିରେ ୩୭, ରାୟଗଡାରେ ୩୬, କୋରାପୁଟରେ ୩୩, ଭବାନୀପାଟଣାରେ ୩୩, ନୂଆପଡାରେ ୩୩, ବଲାଙ୍ଗିରରେ ୩୩, ଟିଟିଲାଗଡରେ ୩୪, ବୌଦ୍ଧରେ ୩୪, ସୁନ୍ଦରଗଡରେ ୩୩, ଝାରସୁଗୁଡାରେ ୩୩, ଅନୁଗୋଳରେ ୩୩, ଭୁବନେଶ୍ୱରରେ ୩୪ ଓ କଟକରେ ୩୩ ଡିଗ୍ରୀ ରହିପାରେ। ରାୟଗଡା, ପାରଳେଖେମୁଣ୍ଡି ଓ ମାଲକାନଗିରିକୁ ଛାଡି ଦେଲେ ଅନ୍ୟ କୌଣସି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁ ନପାରେ। ଅନ୍ୟପକ୍ଷରେ ୧୩ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ବା ତା' ଉପରେ ରହିପାରେ। ସେଦିନ ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ସେହିପରି ମାଲକାନଗିରି, ଟିଟିଲାଗଡ ଓ ବୌଦ୍ଧରେ ତାପମାତ୍ରା ୩୯ ଡିଗ୍ରୀ ରହିପାରେ। କୋରାପୁଟରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ରହିପାରେ ବୋଲି ଆକଳନ କରାଯାଇଥିବା ବେଳେ ନୂଆପଡାରେ ୩୬, ବଲାଙ୍ଗିରରେ ୩୮, ଭବାନୀପାଟଣାରେ ୩୮, ରାୟଗଡାରେ ୩୭, ଫୁଲବାଣୀରେ ୩୫, ବରଗଡରେ ୩୬, ସମ୍ବଲପୁରରେ ୩୭, ସୁନ୍ଦରଗଡରେ ୩୬, ଝାରସୁଗୁଡାରେ ୩୭, ଅନୁଗୋଳରେ ୩୭, କେନ୍ଦୁଝରଗଡରେ ୩୫, ଢେଙ୍କାନାଳରେ ୩୫, କଟକରେ ୩୬, ଭୁବନେଶ୍ୱରରେ ୩୬, ଖୋର୍ଦ୍ଧାରେ ୩୫, ଜଗତସିଂହପୁରରେ ୩୬, ଚାନ୍ଦବାଲିରେ ୩୬, ଯାଜପୁରରେ ୩୬, ଭଦ୍ରକରେ ୩୫ ଓ ବାରିପଦାରେ ୩୬ ଡିଗ୍ରୀ ରହିପାରେ।୧୪ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନର ତାପମାତ୍ରା ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେଦିନ ରାଜ୍ୟର ୮ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରହିପାରେ। ପାରଳାଖେମୁଣ୍ଡି ଓ ଟିଟିଲାଗଡରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଛୁଇଁ ପାରେ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ବଲାଙ୍ଗିର, ଭବାନୀପାଟଣା, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା ଓ ମାଲକାନଗିରିରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ସେହିପରି ଅନୁଗୁଳ, ନୂଆପଡା, ରାୟଗଡା ଓ ନୟାଗଡର ତାପମାତ୍ରା ୩୯ ଡିଗ୍ରୀ ଛୁଇଁପାରେ। ରାଜଧାନୀ ଭୁବନେଶ୍ୱର, କଟକ, ଜଗତସିଂହପୁର, ଭଦ୍ରକ, ବାରିପଦା, ସୁନ୍ଦରଗଡ, ସୋନପୁର ଓ ଚାନ୍ଦବାଲିର ତାପମାତ୍ରା ୩୮ ଡିଗ୍ରୀ ରହିପାରେ।

## ସମାଜସେବା ବନାମ ରାଜନୀତି,ସମାଜ ସେବା ବାହାନାରେ ରାଜନୀତି କରିବା ମୂଳ ଲକ୍ଷ

ନିମାପଡା,୧୧।୪(ପି.ଏନ): ଦୁନିଆରେ ଏମିତି କିଛି ଲୋକ ଥାନ୍ତି ଯିଏ ନିଜକୁ ସର୍ବେ ସର୍ବା ବୋଲି ଭାବି ତାଙ୍କ ମନ ମୁତାବକ କାମ କରିଥାନ୍ତି। ଆଉ କେତେଜଣ ଅଛନ୍ତି କୂପ ମଣ୍ଡୁକ ପରି ତାଙ୍କ ପାଖରେ ମେଞ୍ଚ? କଳା ଟଙ୍କା ହୋଇଗଲେ ନିଜକୁ ଭାବନ୍ତି ଦୁନିଆଟା ମୋର ମୋ ପଛରେ ସମସ୍ତେ ରହିବେ ଏବଂ ମନେ ମନେ ଭାବନ୍ତି ସେ ଜଣେ ନେତା ବୋଲି।ଶୀତଦିନେ ଯେପରି ଚିଲିକାକୁ ବିଦେଶୀ ଚଢେଇ ଆସି ଚିଲିକାରେ ରୁହନ୍ତି ଏବଂ ଶୀତ ସରିଗଲେ ଫେରିଯାଆନ୍ତି,ସେହିପରି ସେ କୂପ ମଣ୍ଡୁକ ଅନ୍ୟ ଜାଗାକୁ ଯାଇ ଭାବନ୍ତି ସେଠାକାର ନେତା ହେବେ ବୋଲି।ସେହିପରି ସମାଜ ସେବା କରିବା ବାହାନାରେ ନିମାପଡ଼ାକୁ ଆସି ନିମାପଡାରେ ରହି ଶେଷରେ ନେତା ହେବାର ସ୍ୱପ୍ନ ଦେଖୁଛନ୍ତି ରୋଜାଲିନ ନାୟକ।ସୂଚନା ଅନୁଯାଇ ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କେତେଟା ଦିନ ଥିବା ବେଳେ ନିମାପଡାରେ ଦେଖିବାକୁ ମିଳୁଛି ଅନାମଧେୟେ ଆତ୍ମଘୋଷିତ ସମାଜସେବୀ ତଥା ରାଜନୀତିରେ ନୂଆ ଆଶାୟୀ ପ୍ରାର୍ଥୀ।ଯିଏ ପୂର୍ବରୁ କେବେ ସମାଜ ସେବା କରିନାହିଁ କି ନିମାପଡାରେ କେତେଟା ପଞ୍ଚାୟତ ଅଛି ଠିକ ସେ ଜାଣିନାହିଁ।ମାତ୍ର ସେ କେତେଟା ଦଲାଲଙ୍କ କଥାରେ ପଡି ନିଜକୁ ଆତ୍ମଘୋଷିତ ସମାଜସେବୀ କହି ରାଜନୀତି କରିବା ପାଇଁ ଏଠାକୁ ଆସିଛି।ସେ ଜାଣିବା ଦରକାର ନିମାପଡା ଏକ ସ୍ୱାଭିମାନର ମାଟି ହୋଇଥିବା ବେଳେ ଜିଏ ଏଠି ଲୋକଙ୍କ ସହ ସୁଖ ଦୁଃଖରେ ଓ ଭଲ ମନ୍ଦରେ ଅଛି ସେହିଁ ପ୍ରକୃତ ନେତା ବୋଲି ଶୁଣିବାକୁ ମିଳୁଛି।କିନ୍ତୁ ଜିଏ କେବେ ସମାଜ ସେବା ନକରି କେବଳ ପିଲାଙ୍କ କ୍ରିକେଟ ମ୍ୟାଚ୍‌କୁ ଯାଇ ଖେଳ ଦେଖୀ ହଜାର ଟଙ୍କା ଦେଇ ଫଟୋ ଉଠାଇ ଫେସବୁକରେ ଅପଲୋଡ କରେ ସେ କେବେ ଜଣେ ସମାଜସେବୀ ଭାବେ ପରିଚିତ ହେବା ଭୁଲ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ କହୁଥିବାର ଶୁଣିବାକୁ ମିଳୁଛି।ଏହା ଶହ ମଧ୍ୟ ଶୁଣିବାକୁ ମିଳୁଛି ଯଦି ସମାଜସେବୀ ହବାକୁ ଚାହୁଁଚ ତାହେଲେ ନିମାପଡାର ପରିଚିତ ସମାଜସେବୀ ବିକ୍ରମ କେଶରୀ ସାମଲ ଠାରୁ କିଛି ଶିଖନ୍ତୁ,ଜିଏ ଆଜକୁ ପ୍ରାୟ ୧୫ ବର୍ଷ ଧରି ସମାଜ ସେବା କରିଆସୁଛନ୍ତି।ଯିଏ ନିଜ ଜନ୍ମ ଦିନରେ ଅସହାୟଙ୍କୁ ପକ୍କା ଘର ଓ ଦୋକାନ ଘର ନିର୍ମାଣ କରି ଥଇଥାନ କରିଛନ୍ତି। ଏମିତିକି ଅସହାୟ ପିଲାଙ୍କୁ ଆଣି ପାଖରେ ରଖିବା ସହିତ ବନ୍ୟା ହଉକି ବାତ୍ୟା ସବୁଥିରେ ସମସ୍ତଙ୍କ ପାଖରେ ରହି ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଛନ୍ତି।ଏହା ସହ ପିଲାଙ୍କ ପାଠ ପଢା କ୍ଷେତ୍ରରେ ହଉ କି ବୃଦ୍ଧା ଲୋକଙ୍କୁ କମ୍ବଳ ପ୍ରଦାନ,ଅକ୍ଷମ ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହିତ ତିନି ଚକିଆ ସାଇକେଲ ବାଣ୍ଟିବା,ଏହା ଶହ ଟଙ୍କା ଅଭାବରୁ ଜିଏ ରୋଗଶଯ୍ୟାରେ ପଡିଥାଏ ତାଙ୍କୁ ନେଇ ଉତ୍ତମ ମାନର ଚିକିତ୍ସା କରାଇବା ଇତ୍ୟାଦି ଅନେକ କାମ କରି ଖାଲି ନିମାପଡା ନୁହେଁ ନିମାପଡାର ଆଖ ପାଖ ଅଞ୍ଚଳରେ ବେଶ ପରିଚିତ ହୋଇ ପାରିଛନ୍ତି।ଜିଏ କେବେ କିଛି ଆଶା ନକରି ସବୁ ବେଳେ ସବୁ ମୁହୂର୍ତ୍ତରେ ଲୋକମାନଙ୍କୁ ନିସ୍ତାର ସହ ସେବା ଦେଇଛନ୍ତି ସେ କେବେ ହେଲେ ରାଜନୀତି କରିଛନ୍ତି ନା କେବେ ଭବିଷ୍ୟତରେ କରିବେ ବୋଲି ଭାବିଛନ୍ତି।ତାଙ୍କୁ ପଚାରିବାରୁ ସେ କୁହନ୍ତି ସମାଜ ସେବା ପାଇଁ ରାଜନୀତି ନିତ୍ୟାନ୍ତ ଆବଶ୍ୟକ ନୁହେଁ ମୁଁ ରାଜନୀତି କରିନି କି କରିବିନି କାରଣ ଜିଏ ପ୍ରକୃତ ସମାଜ ସେବା କରେ ତା ମନରେ କିଛି ପାଇବାର ଆଶା ନଥିବା ଦରକାର କି ସେ କୌଣସି ପଦ ଆବଶ୍ୟକ କରିବା ଦରକାର ନାହି।ଜିଏ ସମାଜ ସେବା କରେ ସେ ଲୋକଙ୍କ ସହ ବିନା ସ୍ୱାର୍ଥରେ ପ୍ରତିମୁହୂର୍ତ୍ତରେ ରହିବା ଦରକାର ଲୋକମାନଙ୍କର ଜଣେ ଭଲ ବନ୍ଧୁ ହୋଇ।କିନ୍ତୁ ଏପଟେ ରାତା ରାତି ନେତା ହବାର ସ୍ୱପ୍ନ ଦେଖୀ ବାପାର କଳା ଧନକୁ ଆଣି ଶୀତ ଦିନର ସାଇବେରିୟାନ ପକ୍ଷୀ ପରି ନିମାପଡାରେ ପହଞ୍ଚି କିଛି ଉଡାଟିଆ ଓ ଦଲାଲ ମାନଙ୍କୁ ଧରି ଗାଁ ଗହଳିରେ ପହଞ୍ଚି କ୍ରିକେଟ ମ୍ୟାଚ୍ ସହିତ ଅଶ୍ଳୀଳ ନୃତ୍ୟ ପ୍ରତିଯୋଗିତାରେ ଗୋଟେ ଖାମରେ ଏକ ହଜାରରୁ ଦୁଇ ହଜାର ଟଙ୍କା ଭର୍ତି କରି ଦେଇ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ବାହା ବାହା ନେଇ ନିଜକୁ ସମାଜସେବୀ କହି ନେତା ହବାର ସୁଯୋଗ ଖୋଜି ବୁଲନ୍ତି ସେମାନେ ତାଙ୍କ ଜୀବଦ୍ଦଶାରେ କେବେବି ନେତା ହୋଇ ପାରନ୍ତି ନାହିଁ।ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ ଜଣେ ବ୍ୟକ୍ତି ଟଙ୍କା ଅଭାବରୁ ଚିକିତ୍ସା ପାଇଁ ସାହାଯ୍ୟ ମାଗିବାକୁ ଆତ୍ମଘୋଷିତ ସମାଜ ସେବୀଙ୍କୁ ଫୋନ କରିବାରୁ ଫୋନ ଉଠାଇ ସମାଜ ସେବୀ ଜଣଙ୍କ କୁହନ୍ତି ମୋର ଏଥି ପାଇଁ ସମୟ ନାହିଁ ଏବେ ନିର୍ବାଚନ ଅଛି ମୁଁ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛି ପରେ ଫୋନ କରିବ।ଏଥିରୁ ଜଣା ପଡୁଛି ଆତ୍ମ ଘୋଷିତ ସମାଜସେବୀ ଜଣଙ୍କ କେତେ ସମାଜର ସେବା କରନ୍ତି।ଏହା ମଧ୍ୟ ଶୁଣିବାକୁ ମିଳୁଛି ସମାଜସେବୀଙ୍କ ବାପା ଠିକାଦାରୀ କରି କରି ଝିଅକୁ ଏମିତି ପାଠ ପଢାଇଛନ୍ତି ଯେ ଯୋଉଠି ସାହାଯ୍ୟ କଲେ ଏକ ଟଙ୍କାର ମୂଲ୍ୟ ନାହିଁ ସେଠିକି ସେ ଯିବେ ନାହିଁ ।କିନ୍ତୁ ଏପଟେ ସମାଜସେବୀ ବିଜେଡିର ଟିକେଟ ପାଇବା ଆଶାରେ ଉଡାଟିଆ କର୍ମୀଙ୍କୁ ନେଇ ଶଙ୍ଖ ଭବନରୁ ଅପଦସ୍ତ ହୋଇ ଫେରିବା ପରେ ସୋସିଆଲ ମିଡିଆରେ ନିଜର ମନ୍ତବ୍ୟ ଦେଉଛନ୍ତିକି ନିମାପଡାରେ ଏମିତି ଅନେକ ଗାଁ ଅଛି ଯୋଉଠି ରାସ୍ତା ନାହିଁ କି ଖାଇବାକୁ ଦାନା ନାହିଁ କି ପିଇବାକୁ ପାଣି ନାହିଁ ।ଆହୁରି ମଧ୍ୟ କହିଛନ୍ତି ଅନେକ ଲୋକ ବନ୍ୟାରେ ରିଲିଫ ପାଇଁ ଅପେକ୍ଷା କରି ଅଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଆତ୍ମ ଘୋଷିତ ସମାଜସେବୀ ଜଣଙ୍କ ଏବେ କିଛି ଦିନ ତଳେ ନିମାପଡାକୁ ଆସି ଏକ ଟ୍ରଷ୍ଟ କରିଛନ୍ତି। ଯାହାର ନାମ ନନ୍ଦିଘୋଷ ଫାଉଣ୍ଡେସନ ଟ୍ରଷ୍ଟ ।ଏହା ମଧ୍ୟରେ କେବେ ବନ୍ୟା ହୋଇ ନାହିଁ କି ବାତ୍ୟା ହୋଇ ନାହିଁ ।ସେ କିପରି ଜାଣିଲେ ଓ କେବେ ନେଇ ରିଲିଫ ବାଣ୍ଟିଲେ।ନିଜର ସମାଜ ସେବା ଭିତରେ ୧୦ ଟି ଲୋକଙ୍କୁ ଚାଦର ସହିତ ଆଉ କିଛି ବି ଏମିତି କାମ କରିନାହାନ୍ତି ଯାହା ପାଇଁ ସେ ସମାଜସେବୀ ହିସାବରେ ଗଣତି ହୋଇପାରିବେ।ତେବେ ନିଜକୁ କମ ସମାଜସେବୀ ବେଶୀ ରାଜନେତା ଭାବୁଥିବା ରୋଜାଲିନ ଶେଷରେ କେତେ ଦିନ ମିଛ କହି ଲୋକମାନଙ୍କୁ ଭୁଆଁ ବୁଲାଇବେ ତାହା ଦେଖିବାକୁ ବାକି ରହିଲା।

## ମଧ୍ୟପ୍ରଦେଶ, ଛତିଶଗଡ ଫଣ୍ଡା ଓଡିଶାରେ ଆପଣାଇପାରେ ବିଜେପି



ଭୁବନେଶ୍ୱର,୧୧।୪(ପି.ଏନ): ରାଜ୍ୟ ବିଜେପିର ବଡ ଘୋଷଣା। ସରକାରକୁ ଆସିଲେ ମହିଳା ପାଇବେ ମାସିକ ୧୦୦୦ ଟଙ୍କା ସହାୟତା। ଅର୍ଥାତ ବର୍ଷକୁ ୧୨ ହଜାର। ବଡ କଥା ହେଲା ସମାନ ଯୋଜନା ଘୋଷଣା କରି ମଧ୍ୟପ୍ରଦେଶ ଓ ଛତିଶଗଡରେ ସରକାରକୁ ଆସିଥିଲା ବିଜେପି। ସେଥିପାଇଁ ହିନ୍ଦୀ ହାର୍ଟଲ୍ୟାଣ୍ଡର ଏହି ଷ୍ଟ୍ରାଟେଜିକୁ ଓଡିଶାରେ ଆପଣାଇଛି ଦଳ। ମଧ୍ୟପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ 'ଲାଡଲି ବେହନା' ଯୋଜନା। ଯେଉଁଥିରେ ଗରିବ, ଅସହାୟ ଓ ଭିନ୍ନକ୍ଷମ ମହିଳାଙ୍କ ବ୍ୟାଙ୍କ ଖାତାକୁ ପ୍ରତି ମାସ ୧୨୫୦ ଟଙ୍କା ଲେଖାଁଏ ଦେଉଥିଲେ ଶିବରାଜ ସରକାର। ଭୋଟର କେଇ ମାସ ଆଗରୁ ଅର୍ଥାତ ଗତ ମାର୍ଚ୍ଚ ୨୦୨୩ରୁ ଲଞ୍ଚ ହୋଇଥିବା ଏହି ଯୋଜନା ମଧ୍ୟପ୍ରଦେଶରେ ବିଜେପିକୁ ଶାସନ ବଜାୟ ରଖିବାରେ ବେଶ ସହାୟକ ହୋଇଥିଲା।ସମାନ ଢଙ୍ଗରେ ଛତିଶଗଡରେ ମଧ୍ୟ ଇସ୍ତାହାରରେ 'ମହତାରୀ ବନ୍ଦନ' ଯୋଜନା କରି ପ୍ରତି ମାସ ବିବାହିତ ମହିଳାଙ୍କୁ ୧ ହଜାର ଟଙ୍କା ଲେଖାଁଏ ଦେବାର ପ୍ରତିଶ୍ରୁତି ଦେଇଥିଲା ବିଜେପି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଲକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ସ୍ମୃତିରେ ଭକ୍ତକବି ମଧୁସୂଦନ ରାଓ



ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷାର ଅନ୍ୟତମ ବିନ୍ଧାଣୀ ଥିଲେ ଭକ୍ତକବି ମଧୁସୂଦନ ରାଓ। ଯୋଗଜନ୍ମା ସାଧକ ୧୮୫୩ ମସିହା ଶ୍ରୀପଞ୍ଚମୀ ତିଥିରେ ପୁରୀ ଜିଲ୍ଲାର କୁଣ୍ଡେଇବେ ସାହିରେ ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ତାଙ୍କର ଦେହବସାନ ହେଲା। ହେଲେ ଭକ୍ତିଭାବ ଓ ଈଶ୍ୱରଙ୍କ ସତ୍ତାକୁ ନିଜ କାବ୍ୟ କବିତାରେ ପ୍ରକାଶ କରିବାର ଅସାଧାରଣ ସାମର୍ଥ୍ୟ ପାଇଁ ସେ ଭକ୍ତକବି ମଧୁସୂଦନ ଭାବେ ସୁପରିଚିତ। ପଲ୍ଲୀକବି ନନ୍ଦକିଶୋରଙ୍କ ଭାଷାରେ-

***ହେ ବରେଣ୍ୟ ଦେବ ଶ୍ରୀଚରଣେ ତବ ହୁଏ ମୁଁ ଭୂମିଷ୍ଠ ପ୍ରଣତ, ଯାବତ ଜୀବନ ଆଦର୍ଶ ସ୍ୱରୂପେ/ବିରାଜ ମୋ ପ୍ରାଣେ ସନ୍ତତ, ହେ ଦେବ! ଉତ୍କଳର ଇତିହାସରେ/“ଶ୍ରୀ ମଧୁସୂଦନ ଭକ୍ତକବି ନାମ” ରହିଲା ସୁବର୍ଣ୍ଣ ଅକ୍ଷରେ।***

ଗ୍ରାମ ଚାଟଶାଳୀରୁ ଶିକ୍ଷା ଆରମ୍ଭ କରି ଭୁବନେଶ୍ୱରର ଏକ ମାଇନର ସ୍କୁଲରେ ଶିକ୍ଷାଲାଭ କରିଥିଲେ। ଏହି ସମୟରେ ବିଭାଗୀୟ ସ୍କୁଲ ଇନ୍ସପେକ୍ଟରଙ୍କ ସୁନଜର ତାଙ୍କ ଉପରେ ପଡିଲା। ମଧୁସୂଦନଙ୍କ ପିତୃମାତୃ ଭକ୍ତି, ବିନୟୀ ସ୍ୱଭାବ ଓ ଜ୍ଞାନର ଅନୁରାଗ ଦେଖି ସେ ଅତ୍ୟନ୍ତ ପ୍ରୀତ ହୋଇଗଲେ। ଏହାପରେ ସେ ମଧୁସୂଦନଙ୍କୁ ବିନା ଦରମାରେ ପଢିବା ପାଇଁ ପୁରୀ ଜିଲ୍ଲା ସ୍କୁଲକୁ ସୁପାରିଶ ପତ୍ର ଲେଖିଦେଲେ। ଏହି ସମୟରେ କବିବର ରାଧାନାଥ ରାୟଙ୍କ ଭଳି ବରପୁତ୍ରଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ। ଏଇଠାରୁ ତାଙ୍କର ଜୀବନର ଗତିପଥ ବଦଳିଗଲା। ଦୃଢ ଇଚ୍ଛାଶକ୍ତି, ପ୍ରଗାଢ ଚେଷ୍ଟା ଓ ଅଦମ୍ୟ ଉତ୍ସାହକୁ ପାଥେୟ କରି ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ଶ୍ରେଣୀରେ କୃତିତ୍ୱର ସହ ପାଶ୍ କଲେ। ପରେ ସରକାରୀ ବୃତ୍ତି ପାଇ ଏଫ୍.ଏ. ପଢିବା ପାଇଁ କଟକ ଆସିଲେ। ୧୮୭୧ ମସିହାରେ ସେ କୃତିତ୍ୱର ସହ ଏଫ୍.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ପରବର୍ତ୍ତୀ ସମୟରେ କଲିକତାରେ ବି.ଏ. ପଢିବାକୁ ଇଚ୍ଛା ଥିଲେ ମଧ୍ୟ ବାପାଙ୍କ କଥାକୁ ସମ୍ମାନ ଜଣାଇ ସେ ସେଥିରୁ ନିବୃତ୍ତ ରହିଥିଲେ। ଘଟଣାକ୍ରମେ ସେ ପ୍ରଥମେ ପୁରୀ ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ଭାବେ କାର୍ଯ୍ୟରତ ରହି ପ୍ରଶଂସିତ ହୋଇପାରିଥିଲେ। ପ୍ରକୃତରେ ସେ ଥିଲେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ଦିଗ୍‌ଦର୍ଶକ ମଧ୍ୟ। ତାଙ୍କର କଥନ, ଚିନ୍ତନ, କର୍ମ ଓ ଆଚରଣ ସବୁ ସମାନ ଥିଲା, ଯାହାର ପ୍ରଭାବ ବିଦ୍ୟାର୍ଥୀମାନଙ୍କ ଉପରେ ଗଭୀର ରେଖାପାତ କରୁଥିଲା। ଏହା ଅନସ୍ୱୀକାର୍ଯ୍ୟ ଯେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ ଓ ସ୍ୱଭାବକବି ଗଙ୍ଗାଧର ଆଧୁନିକ ଓଡିଆ ସାହିତ୍ୟକୁ ଉନ୍ନତିର ଚରମସୀମାରେ ପହଞ୍ଚାଇ ପାରିଛନ୍ତି। କିନ୍ତୁ ତୃଣମୂଳ ସ୍ତରରୁ ଓଡିଆ ଭାଷାର ଶିକ୍ଷା, ଲିଖନ ଓ ପଠନକୁ ସାର୍ବଜନୀନ କରିବା ପାଇଁ ଭକ୍ତକବି ମଧୁସୂଦନ ରାଓଙ୍କ ଅବଦାନ ଅତୁଳନୀୟ। ଏଥିପାଇଁ ତାଙ୍କ ରଚିତ “ବର୍ଣ୍ଣବୋଧ” ଏକ ପ୍ରମୁଖ ଆଦ୍ୟ ପାଠ୍ୟପୁସ୍ତକ ହିସାବରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। କୁହାଯାଏ, ଓଡିଶାରେ ଜନ୍ମଲାଭ କରି ଯିଏ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ବହି ପଢିନାହିଁ, ସେ କଦାପି ଓଡିଆ ନୁହେଁ। ବାସ୍ତବିକ୍ ମଧୁସୂଦନଙ୍କ ବର୍ଣ୍ଣବୋଧ ବହି ହେଉଛି ଓଡିଆ ଜନଜୀବନର ଜ୍ଞାନଭଣ୍ଡାରର ଏକ ମୂଳକୋଷ। କୌଣସି ବନାନ ବ୍ୟବହାର ନକରି ସେ ଲେଖିଛନ୍ତି-

***“କଟକ ନଗର ଧବଳ ଟଗର***
***ଜଳ ବରଷଇ ଚଇତ ଚଷଇ”***

କେବଳ ବର୍ଣ୍ଣବୋଧ ନୁହେଁ, ଭକ୍ତକବିଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପ୍ରସାରିତ ଥିଲା। ବର୍ଣ୍ଣବୋଧ ବ୍ୟତୀତ ଶିଶୁବୋଧ, ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗ ଆଦି କାବ୍ୟ କବିତା ପୁସ୍ତକ ତତ୍କାଳୀନ ଓଡିଆ ଭାଷାରେ ପରିଲକ୍ଷିତ ହୋଇଥିବା ଉତ୍କଟ ଅଭାବକୁ ପୂରଣ କରିବାରେ ସକ୍ଷମ ହୋଇଥିଲା। ତାଙ୍କର ରଚିତ ଛାନ୍ଦମାଳାରେ ସେ ପ୍ରଭାତ, ସଂଧ୍ୟା, ଷଡଋତୁ, ଜନ୍ମଭୂମି, ମୋ ଜନନୀ ସ୍ତବ ଆଦି ପ୍ରକାଶିତ ହୋଇଥିଲା, ଯାହାକି ସ୍ୱ-ଦେଶପ୍ରେମ ଓ ରାଜ୍ୟର ଗୌରବୋଜ୍ଜ୍ୱଳ ଐତିହାସିକ ଗାଥା କହେ। ସେହିପରି ତାଙ୍କ ରଚିତ ମୂଲ୍ୟବୋଧଭିତ୍ତିକ କବିତା “ଜୀବନ ଚିନ୍ତା” ଓଡିଆ ସାହିତ୍ୟ ଜଗତରେ ଏକ ଅମୂଲ୍ୟ ସମ୍ପଦ ହୋଇ ରହିବ। ଭକ୍ତକବିଙ୍କର “ନିର୍ବାସିତର ବିଳାପ” ଏକ ଅନନ୍ୟ ଅନୁବାଦ କବିତା। ଏହାକୁ ଅନୁବାଦ କରିବାକୁ ଯାଇ ସେ ଲେଖିଥିଲେ-

***“ବିଜନତା! କାହିଁ ତୋ ବେଶ ମୋହନ?***
***ଯେ ବେଶେ ମୋହିଲୁ ତୁ ମୁନି ନୟନ।***
***ବରଂ ନିବାସ ଭଲ ରଣ କ୍ଷେତ୍ରରେ***
***ଭୟରେ ସଦା ଯହିଁ ହୃଦୟ ଥରେ॥”***

ପୁଣି ଆଉ ଏକ ପଂକ୍ତିକୁ ଅନୁବାଦ କରିବାକୁ ଯାଇ ସେ ଲେଖିଛନ୍ତି -

***“କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର***
***ଯାର ପ୍ରାପତି ଲାଗି ଦେବତା ନର।”***

ଉତ୍କଳମାତାର ଏହି ପ୍ରତିଭାଦୀପ୍ତ ମଣିଷ ଆଜି ଆମ ଗହଣରେ ନାହାଁନ୍ତି। ହେଲେ ତାଙ୍କ ସାରସ୍ୱତ ସାଧନା ବିଶେଷ କରି ଓଡିଆ ଭାଷାର ଏକ ପ୍ରମୁଖ ପାଠ୍ୟପୁସ୍ତକ ‘ବର୍ଣ୍ଣବୋଧ’ ପାଇଁ ସେ ସବୁଦିନ ପାଇଁ ମନେରହିବେ।

# ଚଟ୍ଟଳ ଶକ୍ତିପୀଠ, ବଙ୍ଗଳାଦେଶ



ସମୁଦ୍ର ପଉନରୁ ୩୫୦ ମିଟର ଉଚ୍ଚରେ ଭଗବାନ ଚନ୍ଦ୍ରଶେଖର ଶିବଙ୍କର ମନ୍ଦିର ଅବସ୍ଥିତ। ଏଠାରେ ମାତା ସତୀଙ୍କ ଡ଼ାହାଣ ହାତଖଣ୍ଡ ପଡ଼ିଥିଲା। ଏଠାକାର ଶକ୍ତି ଭବାନୀ ତଥା ଶିବ ଚନ୍ଦ୍ରଶେଖର ରୂପେ ପୂଜା ପାଉଛନ୍ତି। ଏହା ନିକଟରେ ହିଁ ସୀତାକୁଣ୍ଡ, ବ୍ୟାସକୁଣ୍ଡ, ସୂର୍ଯ୍ୟକୁଣ୍ଡ, ବ୍ରହ୍ମକୁଣ୍ଡ, ବାଡ଼ବକୁଣ୍ଡ, ଲବଣାକ୍ଷ ତୀର୍ଥ, ସହସ୍ରଧାରାର ଜନକୋଟି ଶିବ ମଧ୍ୟ ଅଛନ୍ତି।

ଆଦିଶକ୍ତିପୀଠ ଚାରିଟି ବୋଲି କୁହାଯାଉଛି। କାଳିକା ପୁରାଣରେ ଶକ୍ତିପୀଠଗୁଡ଼ିକର ସଂଖ୍ୟା ଛବିଶ କୁହାଯାଉଛି। ଶିବ ଚରିତ ଅନୁସାରେ ଶକ୍ତିପୀଠଗୁଡ଼ିକର ସଂଖ୍ୟା ଏକାବନ। ଭାଗବତରେ ଶକ୍ତିପୀଠଗୁଡ଼ିକର ସଂଖ୍ୟା ୧୦୮ ବୋଲି କୁହାଯାଉଛି। ମାତ୍ର ତନ୍ତ୍ର ଚୂଡ଼ାମଣି, ମାର୍କଣ୍ଡେୟ ପୁରାଣ ଅନୁସାରେ ଶକ୍ତିପୀଠଗୁଡ଼ିକର ସଂଖ୍ୟା ବାଉନ। ତେବେ ଶକ୍ତିପୀଠଗୁଡ଼ିକୁ ନେଇ ବିଭିନ୍ନ ଗ୍ରନ୍ଥରେ ଭିନ୍ନ ଭିନ୍ନ କଥା କୁହାଯାଇଛି। ଦେବୀ ପୁରାଣରେ ଏକାବନଟି ଶକ୍ତିପୀଠ ସଂପର୍କରେ ବର୍ଣ୍ଣନା କରା ଯାଇଛି। ଦେବୀଙ୍କର ଏହି ଶକ୍ତିପୀଠ ବଙ୍ଗଳା ଦେଶର ଚଟଗାଁ ଠାରୁ ୩୮ କିଲୋମିଟର ଦୂର ସୀତାକୁଣ୍ଡ ଷ୍ଟେସନ ପାଖ ଚନ୍ଦ୍ରଶେଖର ପର୍ବତ ଉପରେ ଅବସ୍ଥିତ।

ଭାରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ। ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର। ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା’ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା’ ଶକ୍ତିଙ୍କୁ ନିଜର ଝିଅ ରୂପରେ






ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା’ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା’ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

ଚଟ୍ଟଳ ଶକ୍ତିପୀଠରେ ମାତା ସତୀଙ୍କର ଡ଼ାହାଣ ହାତ ପଡ଼ିଥିଲା। ଏଠାରେ ମାତା ସତୀଙ୍କୁ ‘ଭବାନୀ’ ଏବଂ ଭଗବାନ ଶିବଙ୍କୁ ‘ଚନ୍ଦ୍ରଶେଖର’ ଭାବରେ ପୂଜା କରାଯାଏ। ବର୍ଷର ସବୁ ସମୟରେ ମାତା ‘ଭବାନୀ’ଙ୍କର ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି




ରହିଥାଏ। ମାତା ‘ଭବାନୀ’ ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ବାଡ଼ବ କୁଣ୍ଡରୁ ନିରନ୍ତର ଅଗ୍ନି ବାହାରୁ ଥାଏ। ଶିବରାତ୍ରୀ ଉତ୍ସବ ବେଳେ ଏଠାରେ ବଡ଼ ଧରଣର ମେଳା ବସିଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା’ ‘ଭବାନୀ’ ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

# ଗରିବଙ୍କ ଉପରେ ମୋଦି ସରକାର ଦାଉ ସାଧୁଛନ୍ତି କାହିଁକି ?

ଭୁବନେଶ୍ୱର,(ପି.ଏନ): ଚଣ୍ଡିଗଡ଼ ଠାରେ ଦୁଇଦିନିଆ ଜିଏଷ୍ଟି କାଉନସିଂଲର ୪୭ତମ ବୈଠକରେ ଚୁଡ଼ା, ମୁଢ଼ି, ଗୁଡ଼, ଦହି, ଖଇ ଓ ଉଖୁଡ଼ା ଆଦି ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ଉପରେ ୫% ହାରରେ ଜିଏଷ୍ଟି ଲାଗୁ କରିବା ନିଷ୍ପତି ଏକ ହତଭାଗ୍ୟ ନିଷ୍ପତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଓଡ଼ିଶାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାରେ ମୁଢ଼ି ବିନା ଜୀବନ ଦୁର୍ବିସହ। କିନ୍ତୁ ଆସନ୍ତା କାଲି ପାଖରୁ ଏହି ଅଣବ୍ରାଣ୍ଡ ପ୍ୟାକେଟ ଦ୍ୱାରା ବିକ୍ରି ହେଉଥିବା ମୁଢ଼ି, ଗୁଡ଼, ଚୁଡ଼ା, ଦହି, ଖଇ ଓ ଉଖୁଡ଼ା ଆଦି ଉପରେ ୫% ଜିଏଷ୍ଟି ଲାଗୁ ହେବ। ଦୀର୍ଘ ୮ବର୍ଷ କାଳ ଧରି କେବଳ ଘୃଣ୍ୟ ରାଜନୀତିରେ ଲିପ୍ତ ରହିବା ଛଡ଼ା ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣରୂପେ ଅଣଦେଖା କରିବା ଓ ଭୁଲ ଅର୍ଥନୈତିକ ନିଷ୍ପତି ଯୋଗୁଁ ଆଜି ଭାରତ ବର୍ଷର ଅର୍ଥନୀତି ସଂପୂର୍ଣ୍ଣ ରୂପେ ରସାତଳଗାମୀ। ମୋଦି ସରକାର କେବଳ ମନ୍ଦିର, ମସ୍‌ଜିଦ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଇଡି, ଇନକମଟେକ୍ସ ଭିତରେ ସୀମାବଦ୍ଧ ହୋଇ ରାଜନୀତି କରୁଛନ୍ତି। ଓଡ଼ିଶାର ସାଧାରଣ ଜୀବନରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଅତ୍ୟାବଶ୍ୟକ ଅଟେ। ଏ ସବୁ ଉପରେ କର ଆଦାୟ କରିବା କିଭଳି ଭାବରେ ଗରିବ ଲୋକଙ୍କ ଉପରୁ ଜୋର ଜବରଦସ୍ତ କରି କର ଆଦାୟ କରି ହେବ ଏହାହିଁ ପ୍ରମାଣିତ କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବିଜୁ ଜନତା ଦଳର ଅର୍ଥମନ୍ତ୍ରୀ ସେ ମିଟିଂରେ ଉପସ୍ଥିତ ଥାଇ ମଧ୍ୟ ଏ ବାବଦରେ ଥରୁଟିଏ ବିରୋଧ କରି ନାହାନ୍ତି କାହିଁକି ? କ’ଣ ଏହା ରାଜ୍ୟର ଜନସାଧାରଙ୍କ ସ୍ୱାର୍ଥ ବିରୋଧି କି ନୁହେଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏଥିରୁ ଏହା ବୁଝାପଡୁଛି ରାଜ୍ୟ ସରକାର ଜିଏଷ୍ଟି କାଉନସିଲର ଏ ନିଷ୍ପତିକୁ ସମ୍ମତି ଜଣାଇଛି। ଗୋଟେ ଗଣତାନ୍ତ୍ରିକ ସରକାର ଜନସାଧାରଣଙ୍କ ପରିସ୍ଥିତିକୁ ଦେଖି କର ଆଦାୟ କରିଥାଏ। କିନ୍ତୁ ଏବେ ସରକାର ଅଧିକରୁ ଅଧିକ କିଭଳି କର ଆଦାୟ କରାଯିବ ସେଥିପାଇଁ ଅଧିକ ତତ୍ପରତା ଦେଖାଉଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ତଥା ବରିଷ୍ଠ କଂଗ୍ରେସ ନେତା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ୨୦୦୫ ମସିହାରେ ମନମୋହନ ସିଂଙ୍କ ସରକାର ସମୟରେ ୩୭ ଗୋଟି ଦ୍ରବ୍ୟକୁ ଭାଟ ମୁକ୍ତ କରାଯାଇଥିଲା। ଏହିସବୁ ଦ୍ରବ୍ୟ ଗୁଡ଼ିକ ଦହି, ଲସି, ଘୋଳଦହି, କ୍ଷୀର ପ୍ୟାକେଟ, ସ୍ଲେଟ, ପ୍ଲେଟ, ମ୍ୟାପ, ଚୁଡ଼ା, ମୁଢ଼ି, ହୁଡ଼ମ, ଖଇ, ଉଖୁଡା, ମୁଆଁ, ଖଲିପତ୍ର, ସବାଇ ଘାସରୁ ପ୍ରସ୍ତୁତ ଦଉଡ଼ି, ଗହମ, ଅଟା, ଲୁଙ୍ଗି, ଗାମୁଛା, ମାଛ, ମାଂସ, ଅଣ୍ଡା ଇତ୍ୟାଦି। କିନ୍ତୁ ଆସନ୍ତା କାଲି ଜୁଲାଇ ୧୮ ତାରିଖ ୨୦୨୨ ମସିହା ପାଖରୁ ପ୍ରାୟ ସବୁ ଦ୍ରବ୍ୟ ଉପରେ ସରକାର ଜିଏଷ୍ଟି ଲାଗୁ କରିସାରିଛନ୍ତି। ଏହି ସବୁ ଦ୍ରବ୍ୟ ମାନଙ୍କରୁ ୫% ରୁ ୧୨ % ପର୍ଯ୍ୟନ୍ତ ଜିଏଷ୍ଟି ଆଦାୟ କରୁଛନ୍ତି। ୨୦୧୭ ମସିହା ଜିଏଷ୍ଟିକୁ ଲାଗୁ କରିବା ପାଇଁ ସେଂଟ୍ରାଲ ହଲରେ ଯେଉଁ ଐତିହାସିକ ମଧରାତ୍ରୀ ମିଂଟି ହୋଇଥିଲା ସେଇ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଲାବେଳେ ବାରମ୍ବାର ଗୋଟିଏ କଥାକୁ ଦୋହରାଉଥିଲେ ଯେ ଜିଏଷ୍ଟି ସାଧାରଣ ଲୋକଙ୍କ ସ୍ୱାର୍ଥ, ରାଜ୍ୟର ସ୍ୱାର୍ଥ ପାଇଁ, ଦେଶର ସ୍ୱାର୍ଥ ପାଇଁ ଓ ସର୍ବୋପରି ଦେଶର ଖାଉଟିଙ୍କ ପାଇଁ। ଏହାଦ୍ୱାରା ଜିନିଷ ପତ୍ରର ଦରଦାମ ବହୁ ମାତ୍ରାରେ କମିଯିବ ଓ ସାଧାରଣ ଜନତା ଏହାର ବହୁ ସୁଫଳ ପାଇବେ କିନ୍ତୁ ସତ୍ୟ କ’ଣ ? ଖାଲି ସେତିକି ନୁହେଁ ପାଖାପାଖି ୬ଥର କହିଥିଲେ ଯେ ଜିଏଷ୍ଟି ଦ୍ୱାରା ରାଜ୍ୟ ମାନଙ୍କର ଅର୍ଥନୈତିକ ସ୍ୱାଧୀନତା କ୍ଷେତ୍ରରେ ଏହା କୌଣସି ଅନ୍ତରାୟ ସୃଷ୍ଟି କରିବ ନାହିଁ ଏବଂ ପାଖାପାଖି ୨୭ ଥରରୁ ଅଧିକ ଏହାର ସୁଫଳ ଜନସାଧାରଣ ପାଇବେ ବୋଲି କହିଥିଲେ। ଏକ ରାଷ୍ଟ୍ର ଏକ ଟ୍ୟାକ୍ସ ବୋଲି କହିଥିଲେ। କିନ୍ତୁ ଜିଏଷ୍ଟି ଲାଗୁ ହେବା ଠାରୁ ୫ଟି ସ୍ଲାବରେ କର ଆଦାୟ କରାଯାଉଛି। ଶ୍ରୀ କାନୁନଗୋ କହିଲେ ଯେ କଂଗ୍ରେସ ସରକାର ସମୟରେ କୋଇଲା ଉପରେ ଟନ ପିଛା ୧୦୦ ଟଙ୍କାର ସେସ ବସୁଥିଲା ବେଳେ ଏବେ ୪ ଶହ ଟାଙ୍କାରୁ ଅଧିକ ସେସ ମୋଦି ସରକାର ଆଦାୟ କରୁଛି। ଖାଲି ସେତିକି ନୁହେଁ ପାଖାପାଖି ୨୪ ପ୍ରକାରର ସେସ୍ କେନ୍ଦ୍ର ଆଦାୟ କରୁଛି। ଯେଉଁଥିରୁକି ରାଜ୍ୟ ଓଡ଼ିଶା ସରକାର ଏକ ଟଙ୍କାର ଭାଗ ପାଉନାହାନ୍ତି। କିନ୍ତୁ ଓଡ଼ିଶା ସରକାର ସଂପୂର୍ଣ୍ଣ ନୀରବ ପ୍ରତିବାଦର ସ୍ୱର ନାହିଁ। ଏବେ ପର୍ଯ୍ୟନ୍ତ ରାଜ୍ୟର ୮ ହଜାର କୋଟି ଟଙ୍କାର ଜିଏଷ୍ଟି ବାବଦ ଅର୍ଥ କେନ୍ଦ୍ର ଦେଇ ନାହିଁ। ଏ ବାବଦରେ ଥରୁଟିଏ ନା ମୁଖ୍ୟମନ୍ତ୍ରୀ ନା ଅର୍ଥମନ୍ତ୍ରୀ କୁଆଡ଼େ ମୁହଁ ଖୋଲି ନାହାନ୍ତି। ବିଜେପି ବିଜେଡ଼ି ଉଭୟ ଏକ ରାଜନୈତିକ ଦଳ ଚିନ୍ତା ଓ ଚେତନା। ଓଡ଼ିଶାର ଜନସାଧାରଙ୍କ ଦୁଃଖ, ସମସ୍ୟା ତାଙ୍କ ପାଇଁ ପ୍ରାଥମିକତା ନୁହେଁ। ରାଜନୈତିକ ନାଟକବାଜି କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ଯେ ସବକା ସାଥ ଡିଣ୍ଡିମ ପିଟୁଥିବା ସରକାର ସମସ୍ତଙ୍କ ସାଥିରେ ନାହାଁନ୍ତି। ମୋଦି ସରକାର କେବଳ ଧନୀକ ଶ୍ରେଣୀର ସାଂଗରେ ଅଛନ୍ତି। ୫% ଜିଏଷ୍ଟି ଅଟା, ଚୁଡ଼ା, ଦହି, ଲହୁଣି, ଗୁଡ଼ ଓ ଖଇ ଉପରେ ଯେତେବେଳେ ଲଗାଯାଇ ପାରୁଛି କିନ୍ତୁ ସେହି ସମୟରେ ଜୁଆଖେଳ, ଘୋଡ଼ାଦୌଡ଼ ପ୍ରତିଯୋଗିତା ଏବଂ ଲଟେରି ଉପରେ ଜିଏଷ୍ଟି ଟିକସ ବସାଇବା ନିଷ୍ପତି ନେଇପାରୁ ନାହିଁ। କିନ୍ତୁ ଗରିବଙ୍କ ଉପରେ ଜିଏଷ୍ଟି ଲଗାଇବା ନିଷ୍ପତି ଅତିଶୀଘ୍ର ନେଇପାରୁଛି। ଲଗାତାର ଭାବରେ ଖାଉଟି ସୂଚକାଙ୍କ ମୂଲ୍ୟ ଅହେତକୁ ବୃଦ୍ଧି ସତ୍ତ୍ୱେ ମୁଦ୍ରା ସ୍ଫିତି ୭%ରୁ ଅଧିକ ଥିଲା ବେଳେ ଏହି ନିଷ୍ପତି କାହା ସ୍ୱାର୍ଥରେ ବୋଲି ପଚାରିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୩ ବର୍ଷ ଜେଲ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାର ଯୋଡା ଥାନା ଅନ୍ତର୍ଗତ କାଳଆବେଡା ଗ୍ରାମରେ ଜଣେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିବା ଘଟଣାରେ ଜଣେ ଯୁବକକୁ ୨୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ବିଚାରପତି ଡକ୍ଟର ଅନୀଲ କମାର ଦତ୍ତ। ଏହି ଘଟଣାରେ ଅଭିଯୁକ୍ତକୁ ୬୦ହଜାର ଟଙ୍କା ଆର୍ଥିକ ଜୋରିମାନା ପ୍ରଦାନ କରାଯାଇଥିବାବେଳେ ଜୋରିମାନା ଅନାଦେୟ ଦେଢ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ରାୟ ପ୍ରଦାନ ହୋଇଛି। ୦୭/୦୨/୨୦୧୬ରେ କାଳିଆବେଡ଼ା ଗ୍ରାମର ସୋନୁ ମହାକୁଡ(୨୫) ପଡୋଶୀ ଘର ଲୋକ କୁଣିଆ ଯାଇଥିବାବେଳେ ଘରେ ୧୩ ବର୍ଷ ନାବଳିକା ଏବଂ ତାଙ୍କ ଭାଇ ଘରେ ଥିଲେ। ରାତିରେ ସୋନୁ ମହାକୁଡ ପଡୋଶୀଙ୍କ କବାଟ ବାଡେଇ ଘର ଖୋଲିବାକୁ କହିଥିଲେ। ନାବାଳିକା କବାଟ ଖୋଲିବା ପରେ ସୋନୁ ମହାକୁଡ ତାକୁ ଟେକିନେଇ ଦୁଷ୍କର୍ମ କରିଥିଲା। ଏ ନେଇ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ତା’ ପରଦିନ ସକାଳୁ ବାପା ମା’ ଫେରିବା ପରେ ଝିଅକୁ ଖୋଜି ସୋନୁ ଘରୁ ଉଦ୍ଧାର କରିଥିଲେ। ଝିଅ ଘଟଣା ସମ୍ପର୍କରେ ବାପା ମା’ଙ୍କୁ କହିଥିଲା।

## ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଫୁଲନଖରା (ପିଏନ୍)-ସଦର ଥାନା ତେଲେଙ୍ଗାପେଣ୍ଠସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷାନୁଷ୍ଠାନ ପରିଚାଳନା କମିଟିର ସହ-ସମ୍ପାଦକ ଡାକ୍ତର ଅରବିନ୍ଦ ନନ୍ଦ ଓ ଅଧ୍ୟକ୍ଷା ପ୍ରତିଭା ମହାପାତ୍ର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାକେଶ ଜେନାଙ୍କ ନେତୃତ୍ୱରେ ଏକ ପାଂଚଜଣିଆ ଡାକ୍ତରୀ ଦଳ ଶିବିରରେ ଯୋଗଦେଇ ଷଷ୍ଠରୁ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଅପା ଓ ଭାଇ ଶିବିର ପରିଚାଳନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୨

## ଲାଖବିନ୍ଧା : ସାନ୍ତାଳୀ ସଂସ୍କୃତିର ପରିଚୟ



ଦଶରଥ ହେମ୍ବ୍ରମ୍

ସାନ୍ତାଳୀ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ପ୍ରତି ବର୍ଷ ମକର ସଙ୍କ୍ରାନ୍ତି ଦିନ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଲାଖବିନ୍ଧା ପ୍ରତିଯୋଗିତା ସାନ୍ତାଳ ଗ୍ରାମଗୁଡ଼ିକରେ ଅନୁଷ୍ଠିତ କରାଯାଇଥାଏ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ହେଲେ ଧନୁତୀରର ଆବଶ୍ୟକତା ଅଛି। ତେଣୁ ପ୍ରତ୍ୟେକ ସାନ୍ତାଳ ଲୋକମାନଙ୍କ ପାଖରେ ଧନୁତୀର ତିଆରି କରି ଘରେଘରେ ରଖିବାର ନିୟମ ରହିଛି। ଲାଖବିନ୍ଧାରେ କେବଳ ଧନୁତୀରକୁ ବ୍ୟବହାର କରାଯାଏ, ତାହା ନୁହଁ, ପ୍ରତି ସାନ୍ତାଳ ଲୋକ ଏହାକୁ ଧର୍ମୀୟ ଅସ୍ତ୍ର ଭାବରେ ବ୍ୟବହାର କରିଥାନ୍ତି। କିନ୍ତୁ ଏହି ସଙ୍କ୍ରାନ୍ତି ଦିନରେ ଗ୍ରାମର ମାଝୀଙ୍କ ସମେତ ଗ୍ରାମବାସୀଙ୍କର ଧନୁତୀର ପାରମ୍ପରିକ ପୂଜାର୍ଚ୍ଚନା କରାଯିବାର ପରମ୍ପରା ରହିଛି। ଯେତେଜଣ ଲାଖବିନ୍ଧା ପ୍ରତିଯୋଗିତାରେ ଭାଗ ନେବେ, ସେମାନେ ଧନୁତୀର ପୂଜାର୍ଚ୍ଚନାରେ ଉପସ୍ଥିତ ରହିବେ। ପରେ ଲାଖବିନ୍ଧା ପ୍ରତିଯୋଗିତା ଆରମ୍ଭ ହୁଏ। କିନ୍ତୁ ତା'ପୂର୍ବରୁ ଗ୍ରାମର ମାଝୀ ହାଳାମ ସବା ଆଗରେ ଧନୁତୀର ମାରିଥାନ୍ତି। ଏହା ପରେ ସେହି ଗ୍ରାମରେ ଥିବା ଅନ୍ୟମାନେ ଏହି ପ୍ରତିଯୋଗିତାରେ ସାମିଲ ହୁଅନ୍ତି। ଯିଏ ଲକ୍ଷ୍ୟସ୍ଥଳରେ ତୀର ଭେଦ କରି ପାରିଲା, ସେହି ଦିନରେ ତାଙ୍କୁ ବିଜେତା ବୋଲି ଘୋଷଣା କରାଯାଏ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସାନ୍ତାଳୀ ପାରମ୍ପାରିକ ପୋଷାକରେ ସମ୍ମାନିତ କରାଯାଏ। ତା'ପରେ ସେମାନଙ୍କୁ କାନ୍ଧରେ କାନ୍ଧେଇ ମାଝୀଙ୍କ ରାଚା(ବାରଣ୍ଡା)କୁ ଅଣାଯାଏ। ବର୍ଷର ଏହି ତିନି ଜଣ ଶ୍ରେଷ୍ଠ ଧନୁର୍ଦ୍ଧାରୀ ସେମାନଙ୍କ ପରିଚୟ ପାଇବା ପରେ ସେମାନଙ୍କୁ କଂସା ଥାଳି ଉପରେ ଗୋଡ଼ ରଖି ପାଣିରେ ଧୋଇ ବନ୍ଦାପନା କରି ସ୍ୱାଗତ କରାଯାଏ।

ସାନ୍ତାଳୀ ସଂସ୍କୃତି ଓ ପରମ୍ପରା ଅନୁସାରେ ଧନୁତୀର, ଖଣ୍ଡା, ବର୍ଚ୍ଛା, ଟାଙ୍ଗୀ, ଶିଙ୍ଗତୂରୀ, ତ୍ରିଶୂଳ, ବଇଁଶି, କେନ୍ଦେରା ଆଦି ଧର୍ମୀୟ ଅସ୍ତ୍ରଶସ୍ତ୍ର ଭାବରେ ଆଦିମ କାଳରୁ ପୂଜାର୍ଚ୍ଚନା କରାଯାଉଛି। ଏହାଦ୍ୱାରା ଜୀବନ ରକ୍ଷା ପାଇଥାଏ ବୋଲି ସାନ୍ତାଳ ଲୋକମାନଙ୍କ ବିଶ୍ୱାସ ରହିଥିବାରୁ ଏସବୁ ବ୍ୟବହାର କରିଥାନ୍ତି। ସୃଷ୍ଟି ଆରମ୍ଭରେ ସାନ୍ତାଳମାନେ ଦିନେ ବଣ, ଜଙ୍ଗଲ, ପାହାଡ, ପର୍ବତରେ ରହି ଧନୁତୀର ସାହାଯ୍ୟରେ ବନ୍ୟଜନ୍ତୁ ଶିକାର କରି ଜୀବନ ନିର୍ବାହ କରୁଥିଲେ। ସାନ୍ତାଳୀ ପୁରାଣରୁ ଜଣାଯାଏ, ପ୍ରାଚୀନ ଯୁଗରେ ସାନ୍ତାଳମାନେ ବସବାସ କରୁଥିବା ସମୟରେ ବିଭିନ୍ନ ଜୀବଜନ୍ତୁମାନଙ୍କ ଆକ୍ରମଣରେ ଶିକାର ହେଉଥିଲେ। ଏହି ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେମାନେ ସେମାନଙ୍କ ଦେବତା ମାରାଂବୁରୁଙ୍କୁ କାକୁତି ମିନତୀ ହୋଇ ପ୍ରାର୍ଥନା କରିଥିଲେ। ମାରାଂବୁରୁ ସେମାନଙ୍କର ଦୁଃଖ, ଯନ୍ତ୍ରଣାକୁ ହୃଦୟଙ୍ଗମ କରିପାରି ପରାମର୍ଶ ଦେଲେ ଯେ, କିଛି ଦୂରରେ ଥିବା ଏକ ଜଙ୍ଗଲର ଶାଳ ଗଛ ମୂଳରେ ଏକ ପ୍ରକାର ଅସ୍ତ୍ର ରଖା ଯାଇଛି, ତାହା ଖୋଜି ଆଣି ବ୍ୟବହାର କରି ନିଜକୁ ହିଂସ୍ରଜନ୍ତୁ କବଳରୁ ରକ୍ଷା କରିପାରିବ। ଏହି ଅସ୍ତ୍ରର ନାମ ଥିଲା 'ଧନୁତୀର'। ଭାରତ ଇତିହାସରେ ମଧ୍ୟ ଏକଥା ବି ଲେଖା ଯାଇଛି ଯେ, ମଣିଷମାନଙ୍କର ସର୍ବପ୍ରଥମ ଅସ୍ତ୍ରଶସ୍ତ୍ର ଥିଲା ଧନୁତୀର। ତେଣୁ ଧନୁତୀର ଆଦିମ ମଣିଷର ଏକାଧାରରେ ରକ୍ଷାକ ା, ପ୍ରାଣଦାତା, ପାଳନକ ା କହିଲେ ଅତ୍ୟୁକ୍ତି ହେବନାହିଁ। ବୋଧହୁଏ, ସେହି ଦିନଠାରୁ ସାନ୍ତାଳ ଜନଜାତିମାନେ ଧନୁତୀରକୁ ପବିତ୍ର ପୀଠ 'ଜାହରଗାଳ'ରେ ରଖି ପୂଜାପାଠ କରି ଆସିବାର ସଂସ୍କୃତି ଓ ପରମ୍ପରା ରହିଛି।

ଲାଖବିନ୍ଧା ପ୍ରତିଯୋଗିତା କେବଳ ସାନ୍ତାଳ ସମ୍ପ୍ରଦାୟରେ ସୀମିତ ନୁହଁ, ଅନ୍ୟ ସମ୍ପ୍ରଦାୟରେ ମଧ୍ୟ ଏହି ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। କିମ୍ବଦନ୍ତୀ ଅନୁସାରେ, ପୁରାତନ କାଳରୁ ଦଶହରା ବିଜୟ ଦଶମୀରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୁଏ। ରାଜକୀୟ ପରମ୍ପରା ଅନୁସାରେ ଏହି ଦିନ ଧୂମ୍‌ଧାମରେ ପାଳନ ହୋଇଥାଏ। ରାଜାମାନେ ପାରମ୍ପରିକ ବସ୍ତ୍ର ପିନ୍ଧି ନିଜର ପାଟ ପଟୁଆର, ଘୋଡ଼ା, ହାତୀ ଓ ସୈନ୍ୟସାମନ୍ତଙ୍କ ସହ ଶୋଭାଯାତ୍ରାରେ ବାହାରି ଲାଖବିନ୍ଧା ସ୍ଥାନକୁ ଯାଇଥାନ୍ତି। ସେଠାରେ ଧନୁତୀର ରଖି ପୂଜାର୍ଚ୍ଚନା କରାଯାଏ। ତା'ପରେ ରାଜାମାନେ ଲାଖକୁ ଲକ୍ଷ୍ୟ କରି ତୀର ମାରିଥାନ୍ତି। ଏହା ବିଜୟଯାତ୍ରା କିମ୍ବା ରାଜ୍ୟଜୟର ପ୍ରତୀକ ଭାବେ ରାଜତନ୍ତ୍ର ଶାସନରୁ ପାଳନ ହୋଇଆସୁଅଛି। ତେବେ ଏନେଇ ସାନ୍ତାଳୀ ଲୋକଗଳ୍ପରୁ ଜଣାଯାଏ ଯେ, ଏକ ରାଜ୍ୟରେ ଜଣେ ସୁଦକ୍ଷ ରାଜା ଥିଲେ। ସେ ଧନୁର୍ବିଦ୍ୟାରେ ଖୁବ ନିଖୁଣ, ହରାଇବା ତ ଦୂରର କଥା ତାଙ୍କ ସହିତ ଯୁଦ୍ଧ କରିବାର ସାହସ କାହାରି ପାଖରେ ନଥିଲା। ରାଜ୍ୟ ଅଧିନରେ ଥିବା ସିଞ୍ଜବୀର ଓ ମାନବୀର ତଳେ ଏକ ବୃହତ ପାହାଡ଼ରେ ଗୋଟିଏ କାରିନାଗିନ ସାପ ରହୁଥିଲା। ତା'ସହିତ ରାଜାଙ୍କ ରାଣୀର ଅନୈତିକ ସମ୍ପର୍କ ସ୍ଥାପନ ହୋଇଥିଲା। ଏ କଥା ନେଇ ରାଜା ସଂପୂର୍ଣ୍ଣ ଅଜ୍ଞ ଥିଲେ। ସମୟ ପାଇଲେ ରାଜା ପ୍ରଜାମାନଙ୍କ ସହିତ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି। ସେହି ସ୍ଥାନକୁ ଶିକାର କରିବାକୁ ନଯିବା ପାଇଁ ରାଜାଙ୍କୁ ରାଣୀ ଅନୁରୋଧ କରନ୍ତି। ରାଣୀଙ୍କ ଏଭଳି କଥାକୁ ନେଇ ରାଜା ଚିନ୍ତିତ ହେଲେ, ଏହାର ସତ୍ୟତା ଜାଣିବା ପାଇଁ ପରଦିନ ପ୍ରଜାମାନଙ୍କୁ ନେଇ ସେହି ସ୍ଥାନକୁ ଶିକାର କରିବାକୁ ବାହାରିଲେ। ପହ ୍ବା ପୂର୍ବରୁ ସତକୁ ସତ ସେହି ବୃହତ କାରିନାଗିନ ସାପ ସେଇ ସ୍ଥାନରୁ ବାହାରିଲା। ଏମାନଙ୍କୁ ଆକ୍ରମଣ କରିବା ପାଇଁ ସେ ଅଗ୍ରସର ହେଲା। ପ୍ରଜାମାନେ ଏହାକୁ ଦେଖି ଭୟରେ ଥରିଲେ, ରାଜାଙ୍କ ନିକଟକୁ ଧାଇଁ ଆସିଲେ। ସାପକୁ ଲକ୍ଷ୍ୟକରି ରାଜା ଧନୁତୀର ଚଳାଇଲେ। କାରିନାଗିନ ସାପ ଟଳିପଡ଼ିଲା। ପ୍ରଜାମାନେ ତା'କୁ ଟାଙ୍ଗୀ ଓ ଖଣ୍ଡାରେ ଖଣ୍ଡ ଖଣ୍ଡ କରି ହାଣି ସେହି ସ୍ଥାନରୁ ଫେରି ଆସିଲେ। ଏକଥା ରାଜା ଆସି ରାଣୀଙ୍କୁ କହିବାରୁ ମନେ ମନେ ରାଣୀ ଖୁବ୍ କାନ୍ଦିଲେ। ରାତିସାରା ଶୋଇ ପାରିଲେ ନାହିଁ। ଯେମିତି ସକାଳ ହେଇଛି କିଛି ମହିଳାଙ୍କୁ ନେଇ ରାଣୀ ତା' ପ୍ରେମିକ ପାଖକୁ ଯିବା ପାଇଁ ରାଜଉଆସରୁ ବାହାନା କରି ବାହାରିଲେ। କାରିନାଗିନ ସାପର ପ୍ରାଣ ଛାଡ଼ି ଯାଇନଥିଲା, ଏହାର ପ୍ରତିଶୋଧ ରାଜାଙ୍କ ଠାରୁ ନେବା ପାଇଁ ରାଣୀଙ୍କୁ ପରାମର୍ଶ ଦେଲା। କେମିତି ନିଆଯିବ ପଚାରିବାରୁ ସେ କହିଲା, "ହାଡ଼କୁ ନେଇ ଫୁଲ ବଗିଚାରେ ଲଗେଇ ଦେବ, ସେଇଠୁ ଚମତ୍କାର ଫୁଲ ଗଛଟିଏ ହେବ। କିଛି ଦିନପରେ ଫୁଲ ନାମ ନେଇ ତୁମ ଦୁଇ ଜଣଙ୍କ ମଧ୍ୟରେ ପ୍ରତିଯୋଗିତା ରଖିବ। ରାଜା କହି ନପାରିଲେ ପ୍ରଜାଙ୍କ ହାତରେ ରାଜାଙ୍କୁ ମାରିବା ଦେବା ପାଇଁ ତାଙ୍କ ପାଖରେ ତମେ ସ ରଖିବ।" ଏହି କଥା ଉଚିତ ମନେ କରି କାରିନାଗିନ ସାପର ହାଡ଼କୁ ରାଣୀ ନେଇଆସି ରାଜନଗରୀକୁ ଫେରି ଫୁଲ ବଗିଚାରେ ତାହା ପୋତି ଦେଲେ। ପ୍ରେମିକ କହିଥିବା ଅନୁସାରେ ଫୁଲର ନାମ କହିବା ପ୍ରତିଯୋଗିତା ଆରମ୍ଭ ହେଲା। କିନ୍ତୁ ରାଜା ସବୁ ଫୁଲର ନାମ କହିଲେ, କାରିନାଗିନ ଫୁଲକୁ ଛାଡ଼ି। ସ ଅନୁସାରେ ରାଜା ଧନୁତୀରରେ ପ୍ରଜାଙ୍କର ଶିକାର ହେବେ। ତେବେ ମରିଯିବା ପୂର୍ବରୁ ରାଜାଙ୍କ ଶେଷ ଇଚ୍ଛା ଥିଲା, ଆସନ୍ତାକାଲି ଉତ୍ସବରେ ଉପସ୍ଥିତ ରହିବା ପାଇଁ ଆତ୍ମୀୟ ସଜ୍ଜନଙ୍କୁ ନିମନ୍ତ୍ରଣ କରି ଡକାଯାଉ। ସେ ଦିନ ମଧ୍ୟ ମକର ସଙ୍କ୍ରାନ୍ତି। ତେଣୁ ରାଜାଙ୍କର ମୃତ୍ୟୁକୁ ସମସ୍ତେ ଦେଖନ୍ତୁ ବୋଲି ରାଜା ଘୋଷଣା କରିଲେ। ଏ ବିଷୟକୁ ନେଇ ତାଙ୍କ ଭଉଣୀଙ୍କୁ ଖବର କରାଗଲା। ଏକଥା ଶୁଣି ଭଉଣୀ ତା'ର ପିଲାଛୁଆ ଧରି ଘରୁ ବାହାରିଲେ। ରାସ୍ତାରେ ରାତି ହେବାରୁ ଏକ ବିରାଟ ବଟ ବୃକ୍ଷ ମୂଳରେ ଆଶ୍ରୟ ନେଲେ। ସେଠାରେ ଶାଗୁଣା ବସା ବାନ୍ଧି ତା' ଛୁଆ ନେଇ ରହିଥିଲା। ଶାଗୁଣା ଛୁଆ ଭୋକରେ କାନ୍ଦୁଥିବା ବେଳେ ତା' ଛୁଆକୁ ଶାଗୁଣା ମାଆ 'ରାଣୀ ଆଉ କାରିନାଗିନ' ଗପ ଶୁଣାଉଥିଲା। ଏସବୁ ଶୁଣୁଥାଏ ସେହି ଗଛ ମୂଳରେ ଆଶ୍ରୟ ନେଉଥିବା ରାଜାଙ୍କ ଭଉଣୀ। ଯେଉଁ ଫୁଲ ପାଇଁ ରାଜାଙ୍କୁ କାଲି ମାରିଦିଆଯିବାର ସ ରକ୍ଷା ଯାଇଛି, ସେଇ ଫୁଲର ନାମ 'କାରିନାଗିନ'। ରାଜାଙ୍କୁ ଶରବିଦ୍ଧ କରିବା ପୂର୍ବରୁ ତା' ଭଉଣୀ ପହ ଶାଗୁଣା ପାଖରୁ ଶୁଣିଥିବା ସବୁ କଥା ରାଜାଙ୍କ ପାଖରେ ବଖାଣିଲେ- "ଯେଉଁ ଫୁଲ ନେଇ ମାରିବାକୁ ଯାଉଥିଲା ଭାଉଜ, ସେଇଟା ଫୁଲ ନୁହଁ ଭାଇ, ତମକୁ ମାରିବାର ପ୍ରତିଶୋଧର ଫୁଲ - 'କାରିନାଗିନ ସାପ'। ଶିକାର କରିବା ସମୟରେ ତମେ ଯାହାକୁ ମାରି ଦେଇଥିଲ, ସେ ହିଁ ଥିଲା ଭାଉଜଙ୍କର ପ୍ରେମିକ। ମାରିବାର ପ୍ରତିଶୋଧ ନେବାପାଇଁ ଭାଉଜ ସେଇ ସାପର ହାଡ଼ ଆଣି ଫୁଲ ବଗିଚାରେ ଲଗେଇଥିଲା। ଏହା ଥିଲା ଦୁଇ ଜଣଙ୍କର ବୃହତ ଷଡ଼ଯନ୍ତ୍ର।" ଏକଥା ରାଣୀକୁ ପଚାରିବାରୁ ରାଣୀ ସବୁ ମାନିନେଲେ। ରାଜାଙ୍କ ପ୍ରତିବଦଳରେ ରାଣୀକୁ ଶରବିଦ୍ଧ କରାଗଲା। ସେଦିନଠାରୁ ମକର ସଙ୍କ୍ରାନ୍ତିରେ କଦଳୀ ଗଛକୁ ରାଣୀର ପ୍ରତିଛବି ଭାବି ଓ କଦଳୀ ଉପରେ କାରିନାଗିନ ଫୁଲ ରଖି ଧନୁତୀର ମରାଯାଏ, ଯେହେତୁ ସେମାନେ ପ୍ରେମିକା ଓ ପ୍ରେମିକ ଥିଲେ। ତେଣୁ ସେହିଦିନଠାରୁ ଲାଖବିନ୍ଧା ପ୍ରତିଯୋଗିତା ସାନ୍ତାଳ ଲୋକମାନେ ଆୟୋଜନ କରି ଆସୁଅଛି। କେବଳ ପ୍ରତିଯୋଗିତା ନୁହଁ, ସଂସ୍କୃତି ଓ ଲୋକ ପରମ୍ପରା ଅନୁସାରେ ଧନୁତୀର ନହେଲେ କୌଣସି ସାନ୍ତାଳୀ ମାଙ୍ଗଳିକ କାର୍ଯ୍ୟ ସିଦ୍ଧିପ୍ରାପ୍ତ ହୋଇ ପାରିବନାହିଁ। ଅତଏବ, ସାନ୍ତାଳୀ ସାମାଜିକ ବ୍ୟବସ୍ଥା ଅନୁସାରେ ଧନୁତୀର ହେଉଛି ସାନ୍ତାଳ ଲୋକମାନଙ୍କର ପ୍ରାଣ ଏବଂ ଧର୍ମୀୟ ଅସ୍ତ୍ରଶସ୍ତ୍ରର ପରିଚୟ।

ଦୁର୍ନୀତି ନିବାରଣ ଅଧିକାରୀ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

## ରାଜନୀତିରେ ବଡ଼ଚଣା ଓ ଅଣକା



ଗୋପୀନାଥ ଦାସ

ଓଡ଼ିଶାରେ ଏବେ ସାଧାରଣ ନିର୍ବାଚନ ଓ ବିଧାନସଭାକୁ ନେଇ ତାତି ପୁରା ସଙ୍ଗୀନ୍। ଓଡ଼ିଶା ରାଜନୀତିରେ ଅନେକ ରୋଷକ ଘଟଣାସବୁ ଘଟୁଛି। ଓଡ଼ିଶାର ୧୪୭ ନିର୍ବାଚନ ମଣ୍ଡଳୀ ଭିତରୁ ଯାଜପୁର ଜିଲ୍ଲାର ବଡ଼ଚଣା ହେଉଛି ଅନ୍ୟତମ। ୧୯୫୧ ମସିହାରେ ଏହି ନିର୍ବାଚନ ମଣ୍ଡଳୀର ଗଠନ ହୋଇଥିଲା ଓ ଏହାର ପ୍ରଥମ ବିଧାୟକ ଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ୧୯୫୭ରେ ଯଦୁମଣି ମଙ୍ଗରାଜ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ତତ୍କାଳୀନ ବିଧାନସଭାର ଉପ-ବାଚସ୍ପତି ପଦ ମଣ୍ଡନ କରିଥିଲେ। ୧୯୫୧ରୁ ଏଯାବତ୍ ମାତ୍ର ଦୁଇଜଣ ଭିନ୍ନ ଭିନ୍ନ ଦଳର ନେତାଙ୍କ ଶାସନ ଡୋରିରେ ବଡ଼ଚଣା ରହିଛି ୧୪୪ ବର୍ଷ। ୧୯୫୧ରେ ନବକୃଷ୍ଣ ଚୌଧୁରୀ ବିଜୟ ହୋଇଥିଲେ, ପରେ ୧୯୫୭ରେ ଯଦୁମଣି ମଙ୍ଗରାଜ, ୧୯୬୧ରେ ଧନଞ୍ଜୟ ଲେଙ୍କା, ୧୯୬୭ରେ ଜଗନ୍ନାଥ ଦାସ, ୧୯୭୧ ମାନଗୋବିନ୍ଦ ସାମଲ, ୧୯୭୪ ଦୁଃଶାସନ ଜେନା, ୧୯୭୭ରେ ମାନଗୋବିନ୍ଦ ମାସଲ, ୧୯୮୦ ସୀତାକାନ୍ତ ମହାପାତ୍ର, ୧୯୮୫ ସୀତାକାନ୍ତ ମହାପାତ୍ର, ୧୯୯୦ରେ ଅମର ପ୍ରସାଦ ଶତପଥୀ, ୧୯୯୫ ଅମର ପ୍ରସାଦ ଶତପଥୀ, ୨୦୦୦ ପୁନର୍ବାର ଅମର ପ୍ରସାଦ ଶତପଥୀ, ୨୦୦୪ରେ ସୀତାକାନ୍ତ ମହାପାତ୍ର, ୨୦୦୯ରେ ଅମର ପ୍ରସାଦ ଶତପଥୀ, ୨୦୧୪ରେ ଅମର ପ୍ରସାଦ ଶତପଥୀ, ୨୦୧୯ରେ ଅମର ପ୍ରସାଦ ଶତପଥୀ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଛଅଜଣ ବିଧାୟକଙ୍କୁ ଦେଖିବାକୁ ମିଳେ, ସେମାନଙ୍କ ଭିତରୁ ମାନଗୋବିନ୍ଦ ସାମଲ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ବିଧାନସଭା କ୍ଷେତ୍ରରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ଢେର ରହିଛି। ସୀତାକାନ୍ତ ମହାପାତ୍ର କଂଗ୍ରେସରୁ ୩ ଥର ଏହି ଆସନରୁ ବିଜୟଲାଭ କରିବାର ଶ୍ରେୟ ପାଇଥିବା ବେଳେ ଅମର ପ୍ରସାଦ ଶତପଥୀ ୬ଟି ପାଳିରେ ୨୯ ବର୍ଷ ବିଧାୟକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତେବେ ଏଠାରେ ଆମେ ଗୋଟିଏ ବଡ଼ ଘଟଣାଟିର ଉପସ୍ଥାପନ କରୁଛୁ। ଏହା ହୁଏତ ସଂଯୋଗବଶତଃ ହୋଇପାରେ, ବଡ଼ଚଣା ନିର୍ବାଚନ ମଣ୍ଡଳୀର ଗୋଟିଏ ପଞ୍ଚାୟତର ନାମ ହେଉଛି 'ଅଣକା'। ଆଉ ଏହି ଅଣକା ହେଉଛି ବର୍ତ୍ତମାନର ବିଧାୟକ ଅମର ପ୍ରସାଦ ଶତପଥୀ ଆଉ ପୂର୍ବ ବିଧାୟକ କଂଗ୍ରେସର ସୀତାକାନ୍ତ ମହାପାତ୍ରଙ୍କ ଘର। ଏହି ଦୁଇ ନେତାଙ୍କ ଘର ଗୋଟିଏ ପଞ୍ଚାୟତରେ। ତାହାହେଲେ ଗୋଟିଏ ପଞ୍ଚାୟତ ପାଖରେ ତମାମ ବଡ଼ଚଣା ରାଜନୀତିର ଚକ୍ର ଘୁରୁଛି ହେଲେ ଅତ୍ୟୁକ୍ତି ହେବନାହିଁ। ତେବେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଆଉ ଏକ ସ୍ୱତନ୍ତ୍ରତା ମଧ୍ୟ ରହିଛି। ଏଠାରେ କେବଳ ବିଜେଡ଼ି ବା କଂଗ୍ରେସର ପ୍ରଭାବ ରହିଛି ତାହା ନୁହଁ, ଏହି ନିର୍ବାଚନ ମଣ୍ଡଳୀରେ ସି.ପି.ଆଇ (ଏମ୍), ଜନତା ପାର୍ଟି, କଂଗ୍ରେସ-ଆଇ ଜନତା ଦଳ, ଏନ୍.ସି.ପି., ପି.ଏସ୍.ପି., ଏସ୍.ୟୁ.ସି.ଆଇ ପରି ୯ଟି ଦଳ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଛି। ତେବେ ସେହିପରି ଆଶ୍ଚର୍ଯ୍ୟର କଥା ହେଉଛି ଏହି ବଡ଼ଚଣା ନିର୍ବାଚନ ମଣ୍ଡଳୀ ଯେତେବେଳେ ନବକୃଷ୍ଣ ଚୌଧୁରୀଙ୍କ ପରି ମୁଖ୍ୟମନ୍ତ୍ରୀ ଓ ସୀତାକାନ୍ତ ମହାପାତ୍ରଙ୍କ ପରି ଉପ-ବାଚସ୍ପତିଙ୍କୁ ବିଧାନସଭା ପାଇଁ ପଠାଇ ପାରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଆଉ କେହି କ୍ୟାବିନେଟ ମନ୍ତ୍ରୀଟିଏ ମଧ୍ୟ ହେବାର ସୁଯୋଗ ପାଇପାରି ନାହାନ୍ତି। ଏଠାରେ ଦୁଇ ନେତାଙ୍କ ୪୪ ବର୍ଷର ରାଜନୈତିକ କାର୍ଯ୍ୟକଳାପକୁ ଦେଖିଲେ ଯାହା ତଥ୍ୟ ମିଳେ ସୀତାକାନ୍ତ ମହାପାତ୍ର ଦୁଇମାସ ୨୬ ଦିନ ପାଇଁ ସ୍ୱାଧୀନ ପାଇବାର ରାଷ୍ଟ୍ରମନ୍ତ୍ରୀ ହୋଇପାରିଥିବା ବେଳେ ଅମର ପ୍ରସାଦ ଶତପଥୀ ଦୁଇବର୍ଷ ପାଞ୍ଚମାସ ପାଇଁ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। କିନ୍ତୁ କ୍ୟାବିନେଟ୍ ମନ୍ତ୍ରୀ ପଦ ଆଉ କାହାଙ୍କୁ ମିଳିପାରି ନାହିଁ। ବଡ଼ଚଣା ରାଜନୀତି ଅତ୍ୟନ୍ତ ରୋଚକ। ଚଳିତ ଥର ମଧ୍ୟ ବିଚିତ୍ର ରାଜନୈତିକ ଘଟଣାକ୍ରମ ଦେଖିବାକୁ ଯାଉଛି। ବିଜେପି ତାର ନିର୍ଭର କେବଳ ଭରସାଯୋଗ୍ୟ ନୁହଁ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟତାର ମାପକାଠିକୁ ଦେଖି ପୂର୍ବଥର ପରି ଯୁବ ଚେହେରା ଅମର ନାୟକଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କରିଛି। ସ୍ଥାନୀୟ ନିର୍ବାଚନ ମଣ୍ଡଳୀରେ ବିଜେପିକୁ ଯେଉଁପରି ଭାବେ ସୁଦୃଢ଼ ଓ ସଙ୍ଗଠିତ କରି ଅମର ନାୟକ ଦଳକୁ ମଜବୁତ୍ କରିଛନ୍ତି ତାର ପ୍ରମାଣ ଗତ ନିର୍ବାଚନ ବେଳେ ବେଶ୍ ଭଲଭାବେ ଜଣାପଡ଼ିଥିଲା। ମାତ୍ର ପନ୍ଦର ଶହ ଭୋଟ୍ ମାର୍ଜିନ୍‌ରେ ସେ ଅମର ପ୍ରସାଦ ଶତପଥୀଙ୍କଠାରୁ ପରାସ୍ତ ହୋଇଥିଲେ। କିନ୍ତୁ ଚଳିତ ଥର ଶାସକ ବିଜେଡ଼ିରୁ ଅମର ପ୍ରସାଦ ଶତପଥୀ, ସେ ନ ହେଲେ ତାଙ୍କ ପୁଅ ଅଦ୍ୱିତୀୟ ଶତପଥୀଙ୍କୁ ଛିଡ଼ା କରେଇବା ପାଇଁ ଗଳଦ୍ ଘର୍ମ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ବିଜେଡ଼ିରୁ ଆଉଜଣେ ଦାବିଦାର ଭାବେ ଜନ୍ମେଞ୍ଜୟ ଲେଙ୍କା ମଧ୍ୟ ରହିଛନ୍ତି। ସେହିପରି କଂଗ୍ରେସରୁ ଇସ୍ତଫା ଦେଇ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ମହାପାତ୍ର ବିଜେଡ଼ିରୁ ଛିଡ଼ା ହେବାପାଇଁ ଯୋଜନା କରୁଥିବାର ଆଲୋଚନା ହେଉଛି। ତେବେ ବିଜେପିର ଅମର ନାୟକ ହିଁ ବଡ଼ଚଣା ମାଟିର ପୁଅ ଆଉ ନିଶ୍ଚିନ୍ତ ବିଜୟୀ ଚେହେରା। ତେବେ ବଡ଼ଚଣାର ଚର୍ଚ୍ଚିତ ଅଣକା ପଞ୍ଚାୟତ ଚଳିତ ଥର ଏହି ନିର୍ବାଚନ ମଣ୍ଡଳୀ ପାଇଁ କ'ଣ ରାଜନୀତି ଗଣିତର କୁଣ୍ଡଳୀ କାଟିବ ତାହା ସେସମୟକୁ ହିଁ ଅପେକ୍ଷା।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୮୯୫୨୯୬୧୬୭*

## ଭୋଟ ଦାନ : ଏକ ସାମାଜିକ ଦାୟିତ୍ୱବୋଧତା



ପୁଷ୍ପମିତ୍ର ମହାପାତ୍ର

ସମଗ୍ର ଦେଶରେ ସାଧାରଣ ନିର୍ବାଚନ ଓ କିଛି ରାଜ୍ୟରେ ବିଧାନସଭା ନିର୍ବାଚନକୁ ନେଇ ଏକ ସରଗରମ ବାତାବରଣ ଦେଖାଦେଇଛି। ଭାରତ ପରି ସମଗ୍ର ବିଶ୍ୱରେ ଯେଉଁ ଗଣତାନ୍ତ୍ରିକ ବିଶ୍ୱାସବୋଧକତାକୁ ନେଇ ସବୁଠାରୁ ବଡ଼ ଗର୍ବ ତାହା ହେଉଛି ଏହି ଦେଶର ଜନସାଧାରଣ ଭୋଟଦାନକୁ ଗୁରୁତ୍ୱପ୍ରଦାନ କରିବା । ଭାରତର ବର୍ଷର ଏହି ବିଶାଳ ନିର୍ବାଚନ ପ୍ରକ୍ରିୟାକୁ ଦେଖିବା ପାଇଁ ଭାରତ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ରାଜନୈତିକ ଦଳକୁ ନିମନ୍ତ୍ରଣ ପ୍ରଦାନ କରିଛି ସେମାନେ ଭାରତ ଆସି ଏହି ମତଦାନ ପ୍ରକ୍ରିୟାକୁ ଦେଖିବେ। ତେବେ ନିକଟରେ ଗଣମାଧ୍ୟମରୁ ପ୍ରକାଶିତ କିଛି ଖବରରୁ ଯାହା ଜଣାଯାଏ ତାହାହେଉଛି ବିଭିନ୍ନ ଘରୋଇ ଉଦ୍ୟୋଗ ବା ସଂସ୍ଥା ଜନସାଧାରଣଙ୍କ ଭୋଟଦାନ ଆଗ୍ରହକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ରିହାତି ଓ ପୁରସ୍କାର ଘୋଷଣା । ଚଳିତ ବର୍ଷର ଏହି ମତଦାନ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ମାସାଧିକ କାଳ ଚାଲିବାର ନିର୍ବାଚନୀ ବ୍ୟବସ୍ଥା ହୋଇଛି। ଚଳିତବର୍ଷ ମତଦାତାମାନଙ୍କୁ ଭୋଟ ଦାନ କେନ୍ଦ୍ରକୁ ଯାଇ ଇଭିଏମ୍ ମେସିନର ବୋତାମ ଟିପିବା ଲାଗି ଯେତିକି ପ୍ରକାର ଅନୁରୋଧ କରାଯାଇଛି, ବୁଝାଯାଇଛି ଏବଂ କୁହାଯାଇଛି, ସେଭଳି ଆଗରୁ କେବେ ବି ହୋଇନଥିଲା । ନିର୍ବାଚନ କମିଶନଙ୍କ ଏଇ କାମକୁ ହାଲୁକା କରିବା ଲାଗି ଏଥର ବିଭିନ୍ନ ଉଦ୍ୟୋଗ, ଏୟାର ଲାଇନ୍‌ସ କମ୍ପାନୀ, ସୁପର ମାର୍କେଟ, ରେସ୍ତୋରାଁ, ଏଫ୍.ଏମ୍ ଚ୍ୟାନେଲ୍‌ଙ୍କ ଠାରୁ ଆରମ୍ଭ କରି ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ବିଭିନ୍ନ ସଂସ୍ଥା ଆପଣା ଛାଏଁ ଏ ଦାୟିତ୍ୱ ହାତକୁ ନେଇଛନ୍ତି । ସେମାନେ ଭୋଟରମାନଙ୍କୁ କେବଳ ଭୋଟ ଦେବା ଲାଗି ଅନୁରୋଧ କରୁନାହାନ୍ତି, ଭୋଟଦାତାମାନଙ୍କ ଲାଗି ବିଭିନ୍ନ ପ୍ରକାରେ ରିହାତି, ପୁରସ୍କାର ଏବଂ ମାଗଣା ଲାଭର ବ୍ୟବସ୍ଥା ରଖିଛନ୍ତି । ଟାଟା ଟି ଭଳି ବୃହତ୍ ଚା କମ୍ପାନୀ ଯଦି ତାର ବିଭିନ୍ନ ବିଜ୍ଞାପନରେ ଭୋଟ ଦେବା ଲାଗି ପ୍ରବର୍ତ୍ତାଉଛି, ଦିଲ୍ଲୀର ୟୋ ଚାଇନା ଶୃଙ୍ଖଳାର ରେସ୍ତୋରାଁ ଗୁଡ଼ିକ ଭୋଟରମାନଙ୍କୁ ଭୋଟ ଦାନ ଦିନ ଗୋଟିଏ ଲେଖାଏଁ ପ୍ଲେଟ ହକ୍କା ନୁଡ଼ଲସ୍ ମାଗଣାରେ ପରଷିବାର ବ୍ୟବସ୍ଥା କରିଛନ୍ତି । ବ୍ରିଟିଶ ଏୟାରୱେଜ୍ ଏବଂ ଭର୍ଜିନ ଆଟଲାଣ୍ଟିକ୍ ଏୟାରୱେଜ୍‌ରେ ଭୋଟ ଦେଇଥିବା ଭାରତୀୟ ନାଗରିକଙ୍କ ଲାଗି ରିହାତି ଯାତ୍ରା କରୁଥିବା ଶ୍ରେଣୀରେ ଉନ୍ନତି ଠାରୁ ଆରମ୍ଭ କରି ମାଗଣା ଉପହାରର ବ୍ୟବସ୍ଥା କରାଯାଇଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଇ ଲାଭ ପାଇବାକୁ ହେଲେ ଜଣକୁ କେବଳ ଏତିକି କରିବାକୁ ହେବ ଯେ ସେ ନିଜର ଭୋଟ କାଳି ଲଗା ଆଙ୍ଗୁଠିକୁ ଦେଖାଇବେ । ସେମିତି ଦିଲ୍ଲୀରେ ଅନେକ ପେଟ୍ରୋଲ ପମ୍ପ ଭୋଟ ଦେଇଥିବା ନାଗରିକମାନଙ୍କ ଲାଗି ରିହାତି ଦରର ବ୍ୟବସ୍ଥା କରିଛନ୍ତି । ଯେଉଁ ସବୁ ସଂସ୍ଥା ବା ଉଦ୍ୟୋଗ ବା ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଏ ସାମାଜିକ ଦାୟିତ୍ୱଟି ସଂପାଦନ କରୁଛନ୍ତି ସେମାନେ ସମସ୍ତେ ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର । କିନ୍ତୁ ଏଇ ସଂପୂର୍ଣ୍ଣ ପ୍ରକରଣକୁ ନେଇ ଟିକିଏ ଗହୀରେଇ ବିଚାର କଲେ ଲଜ୍ଜିତ ହେବାକୁ ପଡ଼େ । ଏ ପର୍ଯ୍ୟନ୍ତ ଭାରତରେ ଯେତିକିଟି ନିର୍ବାଚନ ହୋଇଛି ଅଳ୍ପ କିଛିକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ଭୋଟ ଦାନର ହାର ପଚାରୁ ଷାଠିଏ ପ୍ରତିଶତ ଭିତରେ ରହେ । ଅନେକ ସମୟରେ ଏହି ହାର ପଚାଶ ପ୍ରତିଶତରୁ କମିଯାଏ । ଏମିତି କାହିଁକି ହୁଏ ସେ କଥା ମଧ୍ୟ ସମସ୍ତେ ଜାଣନ୍ତି । ଏହାର କାରଣ ସ୍ୱଚ୍ଛଳ ଓ ଶିକ୍ଷିତ ବର୍ଗ ସର୍ବଦା ଭୋଟ ଦାନରୁ ବିରତ ରହନ୍ତି । ଗ୍ରାମାଞ୍ଚଳ ତଥା ସହରର ବସ୍ତିବାସିନ୍ଦାମାନେ ପାଞ୍ଚ ବର୍ଷରେ ମିଳୁଥିବା ଏଇ ଅଧିକାରକୁ ସାବ୍ୟସ୍ତ କରିବା ଲାଗି ଭୋଟଦାନ କେନ୍ଦ୍ର ଆଗରେ ଧାଡ଼ି ଲଗାନ୍ତି । ତେଣୁ ସେମାନଙ୍କୁ ଉତ୍ସାହିତ କରିବା ଲାଗି ରିହାତି ବା ଲାଭର ପ୍ରଲୋଭନ ଦେଖାଇବା ଦରକାର ପଡ଼େନାହିଁ । ଏଥର ଯେଉଁ ସବୁ ଅନୁଷ୍ଠାନ ଗୁଡ଼ିକ ଭୋଟଦାତାଙ୍କ ଲାଗି ପ୍ରୋତ୍ସାହନମୂଳକ ପଦକ୍ଷେପ ନେଇଛନ୍ତି, ସେମାନେ ନିଜର ଗ୍ରାହକ ବା ପୃଷ୍ଠପୋଷକମାନଙ୍କୁ ଠିକ୍ ଚିହ୍ନିଛନ୍ତି । କୌଣସି ଗ୍ରାମବାସୀ ବା ବସ୍ତୀ ବାସିନ୍ଦା ଭୋଟ ଦେଇ ସାରି ଉଡାଜାହାଜରେ ରିହାତି ଦାବି କରିବ ନାହିଁ କି ୟୋ ଚାଇନା ରେସ୍ତୋରାଁରେ ମାଗଣାରେ ଖାଇବାକୁ ମାଗିବ ନାହିଁ । ତେଣୁ ଯେଉଁମାନେ ଭୋଟ ଦେବା ପରେ ଆଙ୍ଗୁଳିର କଳା କାଳି ଚିହ୍ନ ଦେଖାଇ ରିହାତିର ଲାଭ ଦାବି କରିବେ, ସେମାନେ ଯଦି ଟିକିଏ ଆତ୍ମସମୀକ୍ଷା କରିବେ ତେବେ ନିଜ ଭିତରେ ଥିବା ପ୍ରବଞ୍ଚକକୁ ଠାବ କରିପାରିବେ ।

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ସମ୍ବିଧାନ ଦେଇଥିବା ପରମ କର୍ତ୍ତବ୍ୟ ଓ ସୁନ୍ଦର ଦାୟିତ୍ୱଟିଏ ସଂପାଦନ କରିବାକୁ ଶିକ୍ଷିତ, ସ୍ୱଚ୍ଛଳ ଏବଂ ତଥାକଥିତ ସଚେତନ ବର୍ଗକୁ ଯେ ଲାଞ୍ଚ ଦେବାକୁ ପଡୁଛି, ଏହା ଏକ ବିଡ଼ମ୍ବନା । ଭାରତୀୟ ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବେ ଯେଉଁ ବିଶ୍ୱସନୀୟତା ବଜାୟ ରଖିଛି ତାହାର ବଡ଼ ଦାୟିତ୍ୱ ଓ ଭୂମିକା ସମ୍ବଳିତ ହୋଇଥାଏ ଜନସାଧାରଣଙ୍କ ଭୋଟଦାନ ଅଧିକାର ସାବ୍ୟସ୍ତ ଦ୍ୱାରା । ତେବେ ଏଯାବତ୍ ଯେତେ ପ୍ରକାର ସଚେତନତା ଓ ସାଧାରଣରେ ଲୋକମାନଙ୍କ ପାଇଁ ସୁବ୍ୟବସ୍ଥା ରହିଥିଲେ ବି ଅନେକ କ୍ଷେତ୍ରରେ ଭୋଟଦାନ ପ୍ରକ୍ରିୟାରୁ କେତେକ ସ୍ଥାନରେ ଜନସାଧାରଣ ଅସହମତ ହୋଇଥାନ୍ତି । ଜନସ୍ୱାର୍ଥ ପ୍ରସଙ୍ଗ ହେଉ ବା କୌଣସି ଦାବୀ ପୂରଣ ପାଇଁ କିନ୍ତୁ ବାସ୍ତବରେ ଭୋଟଦାନ ପ୍ରକ୍ରିୟାରୁ ବିରତ ରହିବା ଦ୍ୱାରା ଏହା ହୁଏତ ସରକାର ବା ପ୍ରଶାସନ ପାଇଁ କିଛିଟା ଅବିଶ୍ୱାସର ଭାବନା ହୋଇପାରେ କିନ୍ତୁ ବାସ୍ତବ କଥା ହେଉଛି ଭୋଟଦାନ ଦ୍ୱାରା ଆମେ ଆମକୁ ଗଣତାନ୍ତ୍ରିକ ବ୍ୟବସ୍ଥା ଯେଉଁ ଅଧିକାର ଦେଇଛି ତାହାକୁ ସାବ୍ୟସ୍ତ କରିବା । ଭୋଟ ପ୍ରଦାନ ନିମିତ୍ତ ଦିବସଟିକୁ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ପାଇଁ ସବେତନ ଛୁଟି ବ୍ୟବସ୍ଥା ରହିଛି କିନ୍ତୁ ଆଶ୍ଚର୍ଯ୍ୟର କଥା ଏବେ ଆମ୍ଭେମାନେ ଯଥେଷ୍ଟ ସଚେତନ ହୋଇ ମଧ୍ୟ ଏଯାବତ ଆମ ଅନେକଙ୍କ ଭିତରେ ଭୋଟ ଦିବସ ଦିନ ଛୁଟିମାନେ ଭୋଟ ନଦିଅ ଆଉ ଦିନଟାକୁ ଭଲ ଭାବେ ଛୁଟିରେ ଉପଭୋଗ କର। ଅନେକ ଅଛନ୍ତି ଯେଉଁମାନେ ଏହି ଦିନ ଭୋଟ ନଦେଇ ମଜାମଜଲିସରେ ଦିନଟିକୁ କାଟି ଦିଅନ୍ତି। ଏଥିରୁ ଗଣତନ୍ତ୍ର ପ୍ରତି ଏବଂ ଭୋଟଦାନ ବ୍ୟବସ୍ଥା ପ୍ରତି ଆମ୍ଭ ମାନଙ୍କର କେଉଁ ଭାବନାର ଏବଂ କେଉଁ ପ୍ରକାରର ଆଗ୍ରହ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ। ଆମେ ନିଜକୁ ଜଣେ ଯଥାର୍ଥ ଭାବେ ଭାରତର ନାଗରିକ ବୋଲି କହିପାରିବା କି ? ଯଥାର୍ଥରେ କୁହାଯାଏ ପ୍ରତିଟି ଭୋଟରଙ୍କ ଗୋଟିଏ ମୂଲ୍ୟବାନ ଭୋଟ ଏ ସମାଜର ବ୍ୟବସ୍ଥାକୁ ନିଶ୍ଚିନ୍ତ ଭାବରେ ଏକ ନୂତନ ଦିଗନ୍ତ ପାଇଁ ଯେଉଁ ସମ୍ଭାବନାର ପରିବେଶ ସୃଷ୍ଟି କରେ ତାହା ଆମ ସମସ୍ତଙ୍କ ପାଇଁ ଏକ ଗଣତାନ୍ତ୍ରିକ ଦାୟିତ୍ୱବୋଧତାର ଅଙ୍ଗୀକାର ନିଶ୍ଚୟ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

## ଖରା ବଢୁଛି, ସୁସ୍ଥ ଅଛି ତ ହୃତ୍‌ପିଣ୍ଡ...



ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଦିନକୁ ଦିନ ଖରା ବଢୁଛି। ଏପରି ପାଣିପାଗ ଅସ୍ତବ୍ୟସ୍ତ କରିଦେଉଛି ଯେ ଦିନ ଏଗାରଟା ପରେ ବାହାରକୁ ବାହାରିବା ପାଇଁ ମଧ୍ୟ ତୀବ୍ର ଖରାକୁ ସାମ୍ନା କରିବାକୁ ପଡୁଛି। ତେବେ ଶରୀର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହୃତପିଣ୍ଡର ଅନେକ ସମସ୍ୟା ଏହି ଖରାଦିନରେ ସାଧାରଣତଃ ଦେଖାଦେଇଥାଏ। ଖରାଦିନେ ହୃଦ୍‌ଘାତ ଅଧିକ ହେବାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି। ହୃଦ୍‌ପିଣ୍ଡ ଅଧିକ କାର୍ଯ୍ୟ କରି ଶରୀରର ତାପମାତ୍ରା ଓ ବାହାରର ତାପମାତ୍ରାରେ ସନ୍ତୁଳନ ଆଣିବାରେ ଚେଷ୍ଟା କରେ। ହେଲେ ବାୟୁମଣ୍ଡଳର ତାପମାତ୍ରା ଅଧିକ ହେତୁ ଧମନୀ ପ୍ରସାରିତ ହୋଇଯାଏ। ଫଳରେ ହୃତ୍‌ପିଣ୍ଡକୁ ରକ୍ତପ୍ରବାହ ଓ ଅମ୍ଳଜାନ ପ୍ରବାହ ବାଧା ପ୍ରାପ୍ତ ହୁଏ। ଏହାଦ୍ୱାରା ହୃଦ୍‌ଘାତର ଆଶଙ୍କା ବଢ଼ିଯାଏ।

**କମ୍ ବୟସ୍କଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବଢ଼ିଛି :** ହୃଦ୍‌ଘାତ କେବଳ ବୟସ୍କ ଲୋକଙ୍କୁ ହୁଏ ତାହାନୁହେଁ, ଆଜିକାଲି କମ୍ ବୟସ୍କଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ଅନିୟମିତତା ଜୀବନଶୈଳୀ ପାଇଁ କମ୍ ବୟସ୍କ ପିଲା ଓ ବ୍ୟକ୍ତି ହୃଦ୍‌ଘାତର ଶିକାର ହେଉଛନ୍ତି। ଏକ ସର୍ଭେରୁ ଜଣାପଡ଼ିଥିଲା, ଭାରତରେ ୩୦ରୁ ୫୦ ବର୍ଷ ବୟସ୍କଙ୍କ ମଧ୍ୟରୁ ପ୍ରତି ମିନିଟରେ ଚାରି ଜଣ ମୃତ୍ୟୁମୁଖରେ ପଡୁଛନ୍ତି। ଭାରତରେ ପ୍ରାୟ ୨୫ ପ୍ରତିଶତ ଲୋକ ୪୦ ବର୍ଷରୁ କମ୍ ବୟସ୍କ ହୃତ୍‌ଘାତରେ ମୃତ୍ୟୁ ମୁଖରେ ପଡୁଥିବାବେଳେ ୩୦ ବର୍ଷ ବୟସ୍କ ଯୁବା ପ୍ରତିଦିନ ଜଣେ ମୃତ୍ୟୁମୁଖରେ ପଡୁଛନ୍ତି।

**ବଦଳାନ୍ତୁ ଜୀବନଶୈଳୀ :** ଖରା ଦିନେ ହୃଦ୍‌ଘାତରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀକୁ ପରିବର୍ତ୍ତନ କରନ୍ତୁ। ଉଚ୍ଚ ରକ୍ତଚାପ ଓ ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖନ୍ତୁ। ଧୂମପାନ ଓ ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ତନ୍ତୁଜାତୀୟ ଖାଦ୍ୟ ଖାଆନ୍ତୁ। ପ୍ରଦୂଷଣ ଠାରୁ ନିଜକୁ ରକ୍ଷା କରନ୍ତୁ, ନିୟମିତ ଭାବରେ ଡାକ୍ତରୀ ଚେକ୍‌ଅପ୍‌ରେ ରୁହନ୍ତୁ। ଭିଟାମିନ୍ ଡି ସପ୍ଲିମେଣ୍ଟ ଖାଆନ୍ତୁ। ପ୍ରଚୁରମାତ୍ରାରେ ଫଳ ଓ ସବୁଜ ପନିପରିବା ଖାଆନ୍ତୁ। ମେଦ ହ୍ରାସ କରି ହୃତ୍‌ପିଣ୍ଡ ପ୍ରତି ଟିକେ ସତର୍କ ରହିବା ଦରକାର।

**ବ୍ୟାୟାମ କରନ୍ତୁ :** ଖରାଦିନେ ଶାରୀରିକ ଅନ୍ୟଦିନ ଅପେକ୍ଷା ନିଷ୍କ୍ରିୟ ହୋଇପଡ଼େ। ଏଣୁ ଏ ଦିନରେ ଶାରୀରିକ ପରିଶ୍ରମ ତଥା ବ୍ୟାୟାମ କମ କରିବା ଏକାନ୍ତ ଆବଶ୍ୟକ। ଶାରୀରିକ ନିଷ୍କ୍ରିୟତା ବୃଦ୍ଧି ଯୋଗୁଁ ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ। ଏଣୁ ବ୍ୟାୟାମ କରିବା ଅବା ପ୍ରାତଃ ଭ୍ରମଣ କିମ୍ବା ସାଇକେଲିଂ କରିବା ଦ୍ୱାରା ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ। କାରଣ ଡେରି ହେଲେ ଖରାର ତାତି ବଢ଼ିଯାଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡରୁ ରକ୍ତ ପ୍ରବାହ ବୃଦ୍ଧି ପାଇବା ହେତୁ ହୃତ୍‌ପିଣ୍ଡ ସୁସ୍ଥ ରହେ।

**ଶରୀରକୁ ଥଣ୍ଡା ରଖନ୍ତୁ :** ଖରାଦିନେ ଅତ୍ୟଧିକ ଗରମ ଲାଗୁଥିଲେ ଶରୀରକୁ ଥଣ୍ଡା ରଖିବା ପାଇଁ କଟନ ପୋଷାକ ପିନ୍ଧନ୍ତୁ। ବାହାରକୁ ବାହାରିବା ସମୟରେ ସମ୍ପୂର୍ଣ୍ଣ ଶରୀରକୁ ଏହି ପୋଷାକରେ ଯାଆନ୍ତୁ। ଏହା ସହିତ ସୁଶୀତଳ ପାଣି, ପ୍ରାକୃତିକ ଉପାୟର ଥଣ୍ଡା ଖାଦ୍ୟ ବା ପାନୀୟ ବା ଖୁବ ହେଲେ ଅଦା ଚା' ଅତି ଉତ୍ତମ। ତେବେ ଶରୀରକୁ ଥଣ୍ଡା କରିବା ପାଇଁ ମଦ୍ୟପାନ ବା କୌଣସି ନିଶା ଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ଖରାଦିନେ ପଇଡ଼ ପିଇବା ଖୁବ ଭଲ ଅଭ୍ୟାସ। ଆପଣଙ୍କର ସୁଗାର ସମସ୍ୟା ନଥିଲେ ଆଖୁରସ ଓ ଫଳରସ ମଧ୍ୟ ଶରୀର ପାଇଁ ସ୍ୱାସ୍ଥ୍ୟ ସହାୟକ କାର୍ଯ୍ୟ କରିଥାଏ।

**ହୃଦ୍‌ଘାତର କାରଣ :** ଶୀତ ଅପେକ୍ଷା ଗ୍ରୀଷ୍ମଦିନେ ଭାରତୀୟଙ୍କ ସହିତ ପାଶ୍ଚାତ୍ୟ ଦେଶର ଲୋକମାନେ ମଧ୍ୟ ହୃଦ୍‌ଘାତରେ ଅଧିକ ଶିକାର ହୋଇଥାନ୍ତି। ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଇବା ସହିତ ଶାରୀରିକ ପରିଶ୍ରମ ହ୍ରାସ, ବାୟୁ ପ୍ରଦୂଷଣ, ପାର୍ଶ୍ୱପ୍ରତିକ୍ରିୟା ଓ ଅସ୍ୱାଭାବିକ ଶୈଳୀରେ ଖାଦ୍ୟ ଗ୍ରହଣ ଓ ରକ୍ତଜମାଟ ହେବା, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ସ୍ତର ଅଧିକ, ଡାଇବେଟିସ୍, କମ୍ ଶାରୀରିକ ପରିଶ୍ରମ, ମେଦବହୁଳ, ଚିନ୍ତା ଓ ବଂଶଗତ ଆଦି ହୃଦ୍‌ଘାତର ମୁଖ୍ୟ କାରଣ।

ହୃଦ୍‌ଘାତ ହେବାର ମୁଖ୍ୟ ଲକ୍ଷଣ ହେଉଛି ଛାତି ଯନ୍ତ୍ରଣା ହେବା ଓ ଛାତି ଭାରି ଲାଗିବା, କେତେକ ସମୟରେ ଗୋଟିଏ କିମ୍ବା ଦୁଇଟି ବାହୁରେ ଯନ୍ତ୍ରଣା ହେବା, ପାଟି ହାଡ଼ରେ ଯନ୍ତ୍ରଣା ହେବା, ପିଠି, ପେଟ କିମ୍ବା ବେକରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଯାଏ। ବିଶେଷ କରି ଡାଇବେଟିସ୍ ରୋଗୀ, ବୟସ୍କ ବ୍ୟକ୍ତିଙ୍କ ଠାରେ ହୃଦ୍‌ଘାତର ଆଶଙ୍କା ଅଧିକ ଥାଏ। ହୃଦ୍‌ଘାତ ଅଧିକ ଆଶଙ୍କା ଥିବା ବ୍ୟକ୍ତିଠାରେ ହଠାତ୍ କିଛି ଲକ୍ଷଣ ଦେଖାଯାଏ, ଯେପରି ଲମ୍ବା ନିଶ୍ୱାସ ନେଇପାରନ୍ତି ନାହିଁ, ବାନ୍ତି ବାନ୍ତି ଲାଗିବା, ବାନ୍ତି ହୋଇଯିବା ଓ କିଛି କିଛି ସମୟରେ ଝାଳ ବାହାରିବା ଆଦି ଲକ୍ଷଣ ଦେଖାଯାଏ। ସମୟ ସମୟରେ ପାଟି ଶୁଖିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା, ମାଂସପେଶୀ ଯନ୍ତ୍ରଣା ହେବା, ତ୍ୱଚା ଶୁଖିଯିବା, ହୃଦ୍‌ସ୍ପନ୍ଦନ ବଢ଼ିଯିବା, ମୁଣ୍ଡବୁଲାଇବା ଆଦି ସମସ୍ୟା ମଧ୍ୟ ଦେଖାଯାଏ।

ମୂଳକଥାଟି ହେଉଛି : ଯୋଗ, ପ୍ରାଣାୟମ, ବ୍ୟାୟାମ, ଆଦି ନ କରିବା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରୋଲ, ଶର୍କରାରେ ଅସ୍ଥିରତା ଆଦି ହୃଦୟ ସମ୍ବନ୍ଧୀୟ ରୋଗର ପ୍ରମୁଖ କାରଣ। ପୌଷ୍ଟିକ ଖାଦ୍ୟ ସେବନ ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ। ଆଜିକାଲିର ଆଧୁନିକ ଯୁଗରେ ଲୋକମାନେ ଗୋଟିଏ ଜାଗାରେ ବସି କମ୍ପ୍ୟୁଟର ସହାୟତାରେ କାର୍ଯ୍ୟ କରୁଛନ୍ତି। ଫଳରେ ଅଧିକାଂଶ ଲୋକ ମେଦବହୁଳତାର ଶିକାର ହେଉଛନ୍ତି। ଯାହା ହୃଦ୍‌ଘାତର ପ୍ରମୁଖ କାରଣ। ତେଣୁ ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ଲୋକମାନଙ୍କୁ ହୃଦୟକୁ ସୁସ୍ଥ ରହିବା ପାଇଁ ସାଇକେଲିଂ କରିବା, ପହଁରିବା, ଚାଲିବା, ଦୌଡ଼ିବା ଏବଂ ସର୍ବୋପରି ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଏ। ହୃଦୟ ହେଉଛି ଆମର ସବୁକିଛି, ହୃଦୟକୁ ନେଇ ହିଁ ସବୁକିଛି। ତଥାପି ଆମେ କହିବାକୁଗଲେ ହୃଦୟକୁ ଭଲ ପାଉନାହୁଁ। ଆମ ହୃଦୟ ଚାହେଁ ବା ପ୍ରତିଟି ହୃଦୟ ଚାହେଁ ସେ ଠିକ ସମୟରେ ଖାଦ୍ୟ ଖାଇବ, ଠିକ ସମୟରେ ବିଶ୍ରାମ ନେବ, ଠିକ ସମୟରେ କର୍ତ୍ତବ୍ୟରତ ରହିବ ଆଉ ଅନାବଶ୍ୟକ ଖାଦ୍ୟ ଖାଇବ ନାହିଁ କିମ୍ବା କର୍ମ କରିବ ନାହିଁ। କହିବାକୁଗଲେ ଶ୍ରେଷ୍ଠ ଜୀବନର ପରିଭାଷା ଆମକୁ ହୃଦୟ ହିଁ ବୁଝାଇ ଦେଇଛି। ଏହାକୁ ଗ୍ରହଣ କରି ଚାଲିଲେ ଆମେ ସମ୍ପୂର୍ଣ୍ଣ ନୀରୋଗ ରହିବା ପାଇଁ ନିଶ୍ଚିନ୍ତ ଯତ୍ନବାନ ହେବା। ହୃଦ୍‌ସ୍ପନ୍ଦନ ହିଁ ଆମ ଜୀବନ ଆଉ ସମ୍ପର୍କର ପ୍ରମାଣ। ତେଣୁ ହୃଦୟକୁ ସୁସ୍ଥ ରଖିବାକୁ ହେବ। ଜଣଙ୍କ ବୟସ ୩୦ରୁ ୫୦ ବର୍ଷ ଭିତରେ ଥିବା ସମୟରେ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିବା ଖୁବ୍ ଜରୁରୀ। କାରଣ ଏ ସମୟରେ ଓଜନ ବଢ଼ିବାର ଆଶଙ୍କା ଅଧିକ। ଓଜନ ବୃଦ୍ଧି ହୃଦ୍‌ରୋଗ ସହ ବହୁ ରୋଗକୁ ଜନ୍ମ ଦେଇପାରେ। ତେଣୁ କୋଲେଷ୍ଟେରୋଲ୍ ଯୁକ୍ତ ଖାଦ୍ୟ ସହ ଆଳୁ, ଭାତ ଆଦି କମ୍ ଖାଇବା ଆବଶ୍ୟକ। ଫଳ, ଗଜାମୁଗ, ବୁଟ ଓ ଦଲିଆ ଆଦି ଲୋକ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ। ଏହି ବୟସରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ହେଲେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇନେବା ଆବଶ୍ୟକ। ଏ ବୟସ ପାଇଁ କଠୋର ବ୍ୟାୟାମ ସ୍ୱାସ୍ଥ୍ୟ ଅପେକ୍ଷା ହାଲ୍‌କା ବ୍ୟାୟାମ ଆବଶ୍ୟକ। ତେବେ ଦ୍ରୁତ ପ୍ରାତଃଭ୍ରମଣ ଖୁବ ଉପଯୋଗୀ। ୱାକିଂ ସ୍ପିଡ୍ ଠିକ୍ ଅଛି ନା ନାହିଁ ତାହା ନିଜେ ଜାଣିପାରିବେ। ଉଦାହରଣ ସ୍ୱରୂପ ଚାଲିବା ବେଳେ ଯଦି କୌଣସି ବାକ୍ୟକୁ ଆରାମରେ କହିପାରୁଛନ୍ତି, ତାହେଲେ ଜାଣନ୍ତୁ ଗତି ଧୀମା ଅଛି। ଅଧା ବାକ୍ୟ ଠିକ୍‌ରେ କହିପାରୁ ନଥିଲେ ଜାଣନ୍ତୁ ଅଧିକ ଅଛି। ଯଦି ବାକ୍ୟଟି କଷ୍ଟରେ କହିପାରୁଛନ୍ତି ତାହେଲେ ବୁଝି ନିଅନ୍ତୁ ଗତି ଠିକ୍ ଅଛି। ବୟସ ୫୧ ଛୁଇଁଲେ ଖାଦ୍ୟ ପାନୀୟରେ ଆଧିକ୍ୟରୁ ଦୂରେଇ ରହିବା ଉଚିତ। ଖାଦ୍ୟପାନୀୟ ବା ମଦର ଅଧିକ ମାତ୍ରା ଏ ବୟସରେ ଚିନ୍ତାଜନକ। ଏ ବୟସରେ ପାଦ ଦେବା ପରେ ଗରିଷ୍ଠ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଖାଦ୍ୟରେ ସାଲାଡ଼, ସବୁଜ ପନିପରିବା ଓ ଫଳକୁ ପ୍ରାଧାନ୍ୟ ଦିଅନ୍ତୁ। ଅଳ୍ପ ଅଳ୍ପ କରି ଦିନରେ ୬ଥର ଖାଇବା ଦରକାର। ୫୧ ବର୍ଷରୁ ଅଧିକ ବୟସର ଲୋକମାନେ କଠୋର ବ୍ୟାୟାମ ଓ ଅଧିକ ଶାରୀରିକ ପରିଶ୍ରମ କରିବା ଉଚିତ ନୁହେଁ। ଦିନରେ ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲନ୍ତୁ। ଏ ବୟସରେ ଅବସାଦ ସମସ୍ୟା ଅଧିକ ଥାଏ, ଯାହା ହୃଦ୍ ସମସ୍ୟାକୁ ଡାକି ଆଣିପାରେ। ଏ ସ୍ଥିତିରେ ମନସ୍ତତ୍ୱ ବିଶେଷଜ୍ଞମାନଙ୍କ ପରାମର୍ଶ ନେବା ଆବଶ୍ୟକ। ଏ ବୟସରେ ଜୀବନର ସଫଳତା ଓ ବିଫଳତାକୁ ନେଇ ମସ୍ତିଷ୍କରେ ଅଙ୍କକଷା ଚାଲିଥାଏ। ଏଥିରୁ ନିଜକୁ ମୁକୁଳେଇବା ପାଇଁ ଧ୍ୟାନ କରନ୍ତୁ। ନିୟମିତ ରକ୍ତ, ଇସିଜି, ଟିଏମ୍‌ଟି, ଶର୍କରା ଆଦି ପରୀକ୍ଷଣ କରାଇନିଅନ୍ତୁ। ପ୍ରତିମାସରେ ଥରେ ଉପବାସ ରହିବା ଖୁବ୍ ଭଲ। ନିଜକୁ ଚାପମୁକ୍ତ କରି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିଲେ ଏହା ହୃଦ୍‌ରୋଗର ଆଶଙ୍କା ରଖନ୍ତା ନାହିଁ। ପ୍ରତିଦିନ କିଛି ସମୟ ବ୍ୟାୟାମ ଓ ମେଦବହୁଳତା ଠାରୁ ଦୂରେଇ ରୁହନ୍ତୁ। ରକ୍ତରେ କୋଲେଷ୍ଟେରୋଲ ପରିମାଣ ବଢ଼ିଗଲେ ହୃଦ୍‌ରୋଗ ହେବାର ଆଶଙ୍କା ରହିଥାଏ ଏଣୁ ରକ୍ତଚାପ ଓ କୋଲେଷ୍ଟେରୋଲ ନିୟମିତ ବ୍ୟବଧାନରେ ପରୀକ୍ଷା କରନ୍ତୁ। ସୁଷମ ଖାଦ୍ୟ, ସବୁଜ ପନିପରିବା, ଫଳ ବହୁତ ଭଲ। ଅଧିକ ତେଲ ମସଲା, ରାଗ, ଘିଅ, ଲହୁଣୀ, ମାଂସ ଠାରୁ ଦୂରେଇ ରୁହନ୍ତୁ। ନିଜ ଖାଦ୍ୟରେ ଯେପରି କମ୍ ଲୁଣ ବ୍ୟବହାର ହୋଇଥାଏ ସେ ଦିଗକୁ ନଜର ରଖନ୍ତୁ କାରଣ ଲୁଣ ହିଁ ହୃଦ୍‌ଘାତ ଓ ଷ୍ଟ୍ରୋକର ମୁଖ୍ୟ କାରଣ। ବିଶ୍ୱସ୍ତରରେ ଘଟୁଥିବା ଅକାଳ ମୃତ୍ୟୁର ମୁଖ୍ୟ କାରଣ ହେଉଛି ହୃଦ୍‌ଘାତ ଓ ହୃଦ୍‌ରୋଗ। ବ୍ୟବସ୍ଥିତ ଜୀବନ ଶୈଳୀ ନିଶ୍ଚିନ୍ତ ଭାବରେ ଆପଣ ମାନଙ୍କୁ ହୃଦ୍‌ରୋଗକୁ ରକ୍ଷା କରିବ ଏ ବିଶ୍ୱାସ ରଖନ୍ତୁ।

ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୨୭୭୮୬୪




# ବିଜେପିରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ

ହାଟଡିହ(ପିଏନ)-ବିଜେପି ନେତା ଆଲୋକ ସେଠୀଙ୍କ ଆହ୍ୱାନ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ଆସ୍ଥା ସ୍ଥାପନ କରି ହାଟଡିହି ବ୍ଲକ ଇଞ୍ଚୋଳ ପଂଚାୟତରେ ୧୦୦ରୁ ଊର୍ଦ୍ଧ୍ୱ ଭିନ୍ନ ଦଳର କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଏଥିରେ ବଞ୍ଚୋ ମଣ୍ଡଳ ସଭାପତି ଶଶିକାନ୍ତ ରାଉତ, ବରିଷ୍ଠ ନେତା ମଧୁସୂଦନ ରାଉତ, ପ୍ରଶାନ୍ତ ମହାପାତ୍ର, କୈଳାସ ସାମଲ, ବଳଭଦ୍ର ବାରିକ, ସୁଶାନ୍ତ ଜେନା, ଧନେଶ୍ୱର ରାଉତ, ହରେକୃଷ୍ଣ ସ୍ୱାଇଁ, ଉମାକାନ୍ତ ରାଉତ, ରାଜୀବନ ନାୟକ, କୋଦଣ୍ଡ ଜେନା, ହେମନ୍ତ ପେରେଇ, ଗୋପାଳକୃଷ୍ଣ ସେନାପତି, ସୁଭାଦ୍ରୀ ବଳିୟାରସିଂ, ମାନସ ଜେନା ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ । ସେହିପରି କଳିଙ୍ଗା ପଂଚାୟତ କଇଥଗଡିଆ ଠାରେ ମଧ୍ୟ ମିଶ୍ରଣପର୍ବରେ ଶତାଧିକ ଭିନ୍ନ ଦଳର କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ରାଜେଶ ସେଠୀ, ସୁଶାନ୍ତ ଜେନା, ଶଶିକାନ୍ତ ରାଉତ, ନନ୍ଦ ଯେନା, ଧନେଶ୍ୱର କର, ପର୍ଶୁରାମ ପାତ୍ର, ଆଲୋକ ଦାସ, ଶିବ ପଣ୍ଡା, ମଳୟ ପାତ୍ର, ସୁବାଷ ଦାସ, ସତ୍ୟବ୍ରତ ସାହାଣୀ, ଚନ୍ଦ୍ରମଣୀ କାଣ୍ଡି, ବିଜୟ ଘଡେଇ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ ।




# ମନୋରମା ମହାନ୍ତି ନଳା ଆସନରୁ ବିଜେଡି ପ୍ରାର୍ଥୀ

ଭବାନୀପାଟଣା,(ପି.ଏନ): ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ମନୋରମା ମହାନ୍ତିଙ୍କୁ ନର୍ଲା ବିଧାନସଭା ଆସନରୁ ପ୍ରାର୍ଥୀ ଘୋଷଣା କରିଛି ବିଜୁ ଜନତା ଦଳ । ଗୁରୁବାର ସନ୍ଧ୍ୟାରେ ବିଜେଡ଼ିର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ନର୍ଲ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ମନୋରମା । ତାଙ୍କ ବିପକ୍ଷରେ ବିଜେପିର ଅନିରୁଦ୍ଧ ପଧାନ ଓ କଂଗ୍ରେସ ଭକ୍ତି ଚରଣ ଦାସ ଲଢେଇ କରିବେ । ଶ୍ରୀମତୀ ମହାନ୍ତି ନର୍ଲା । ବ୍ଲକ ଅଧକ୍ଷା ଭାବେ ଲଗାତାର ଦୁଇ ଥର ନିର୍ବାଚିତ ହୋଇଛନ୍ତି । ଏଥର ସ୍ଥାନୀୟ ପ୍ରାର୍ଥୀତ୍ୱ ପ୍ରସଙ୍ଗ ଉଠି ଆସୁଥିବା ବେଳେ ମନୋରମାଙ୍କୁ ବିଜେଡ଼ି ଟିକେଟ ଦେଇଥିବାରୁ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି । ଶ୍ରୀମତୀ ମହାନ୍ତି 'ଆମ'କୁ ପ୍ରଥମ ପ୍ରତିକ୍ରିୟା ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି । ଏହାସହ ନର୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମତୀ ମହାନ୍ତି ।ରାଜ୍ୟ ରାଜନୀତିର ଏକ ଚର୍ଚ୍ଚିତ ଆସନ ନର୍ଲା ୧୯୬୮ରେ ସ୍ଥାପିତ ହୋଇଥିଲା । ଏଥିରେ ସ୍ୱତନ୍ତ୍ର ପାର୍ଟି ୩ ଥର, କଂଗ୍ରେସ ୪ ଥର,ଜନତା ଦଳ ୨ ଥର ଓ ବିଜେଡ଼ି ୪ଥର ବିଜୟୀ ହୋଇଛି । ୨୦୨୪ସାଧାରଣ ନିର୍ବାଚନ ପାଇଁ ପୂର୍ବରୁ ବିଜେପି ଓ କଂଗ୍ରେସ ନର୍ଲା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ସାରିଥିଲେ । ବିଜେଡ଼ି କିନ୍ତୁ ଚତୁର୍ଥ ପର୍ଯ୍ୟାୟ ଘୋଷଣା ପର୍ଯ୍ୟନ୍ତ ଏହି ଆସନକୁ ଝୁଲାଇ ରଖୁଥିଲା । ଏକ ଦଶନ୍ଧି ଧରି ନର୍ଲାରେ ସ୍ଥାନୀୟ ପ୍ରାର୍ଥୀତ୍ୱ ପ୍ରସଙ୍ଗ ଜୋର୍ ଧରିଥିଲା । ଜନସାଧାରଣ ଏଥର ଲୋକାଲ କେଣ୍ଡିଡେଟ ଦିଆଯାଉ ବୋଲି ଦାବି କରିଥିଲେ । ତେବେ ସ୍ଥାନୀୟ ପ୍ରାର୍ଥୀ ମନୋରମା ଏହି ଆସନରୁ ଲଢିବା ନେଇ ସ୍ୱଷ୍ଟ ହେବା ପରେ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି । ଆଗକୁ ତିନି ପ୍ରମୁଖ ଦଳର ରଣନୀତି କିପରି ରହିବ ତାହାକୁ ନେଇ ସାରା ରାଜ୍ୟର ନଜର ରହିବ ।

# କେନ୍ଦ୍ରାପଡାରେ ଇଦ୍‌ପର୍ବ ହର୍ଷୋଲାସ ସହିତ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): ମୁସଲମାନ ସମ୍ପ୍ରଦାୟର ଗଣପର୍ବ ଇଦ୍-ଉଲ୍-ଫିତର ଆଜି କେନ୍ଦ୍ରାପଡା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡା ସହରର ସକାଳ ୮ଟା ଠାରୁ ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ପୁରୁଣା ଓ ନୂଆ ଇଦ୍‌ଘା ପଡିଆ, ହାଇସ୍କୁଲ ପାଖ ମସଜିଦ୍,ଦିଲାରପୁର ମସଜିଦ୍, ଫକିରାବାଦ୍ ମଜଜିଦ୍, ମୀରପାଟଣା ମସଜିଦ୍, ବଡହାଟ ମଜଜିଦ୍, କଜଳା ମସଜିଦ୍ ଓ ଗରାପୁର ମସଜିଦ ପ୍ରଭୃତିରେ ସମୁହ ପ୍ରାର୍ଥନା କରାଯାଇ ଆନନ୍ଦ ଉଲ୍ଲାସର ସହିତ ଇଦ୍ ପର୍ବ ପାଳନ ହୋଇଯାଇଛି । ଗୋଟିଏ ମାସ ସୂର୍ଯ୍ୟୋଦୟ ପୂର୍ବରୁ ମୁସଲମାନ ସମ୍ପ୍ରଦାୟର ଲୋକମାନେ ରୋଜା ରଖିବା ସହିତ ଦିନସାରା ଉପବାସ ରହିଥାନ୍ତି ଓ ସୂର୍ଯ୍ୟାସ୍ତପରେ ସନ୍ଧ୍ୟାରେ ଉପବାସ ପରିହାର କରି ଖାଦ୍ୟ ଗ୍ରହଣ କରିଥାନ୍ତି । ରମଜାନର ଓସା ଓ ତରାବି ୨୯ଦିନରେ ପାଳନ କରି ବୁଧବାର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ହେବାରୁ ଆଜି ଇଦ୍-ଉଲ-ଫିତର ପର୍ବ ପାଳନ କରାଯାଇଥିଲା । ଏହି ଅବସରରେ ଧନୀ ଲୋକମାନେ ଗରିବ ଲୋକମାନଙ୍କୁ ଯକ୍ରାତ ଓ ପିତରା ବଣ୍ଟନ କରିଥିଲେ । ଯାହା ଫଳରେ କି ଗରିବ ଲୋକମାନେ ମନ ଖୁସିରେ ଇଦ୍‌ପର୍ବ ପାଳନ କରିଥାନ୍ତି । ଏହି ଉପଲକ୍ଷେ ଆଜି ସହରକୁ ଆଲୋକମାଳା ରେ ସଜ୍ଜିତ କରାଯିବା ସହିତ ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ତୋରଣମାନ ନିର୍ମାଣ କରାଯାଇଥିଲା । ମୁସଲମାନ ସଂମ୍ପ୍ରଦାୟର ଆବାଳବୃଦ୍ଧବନିତା ନୂତନ ପୋଷାକ ପରିଧାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ହିରଣ୍ୟ ପଣ୍ଡା,ସୌମେନ୍ଦ୍ର ପୃଷ୍ଟି, ଉମେଶ ନାୟକ, ସଲିମ ଖାନ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ନା ସାହୁ, ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି, ସରକାରୀ ଓକିଲ ସଞ୍ଜୟ ଜେନା, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ରାଜେଶ ମହାନ୍ତି, ଶ୍ରମିକ ନେତା ମୁକ୍ତାର ଖାଁ, ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗ ସାଧାରଣ ସମ୍ପାଦକ ସୟଦ ଅବଦୁଲ ସତ୍ତାର ପ୍ରମୁଖ ପ୍ରାର୍ଥନା ସ୍ଥଳରେ ପହଞ୍ଚି ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ କାନ୍ଧ ମିଳାଇବା ସହ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ ।

# କୋରାପୁଟ ଜିଲ୍ଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): କୋରାପୁଟ ଜିଲ୍ଲାରେ ଆସନ୍ତା ମେ ମାସ ୧୩ ତାରିଖ ଦିନ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ।ଏହି ନିର୍ବାଚନରେ ଭୋଟହାର ବୃଦ୍ଧି ଏବଂ ନୂତନ ଭୋଟର ମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆୟୋଜନ କରାଯାଇଛି ।ଏହି ମର୍ମରେ ଆଜି ଝୋଟି ପ୍ରତିଯୋଗିତା ଓ ବରିଷ୍ଠ ନାଗରିକ ମାନଙ୍କ ସହ ଆଲୋଚନା କରାଯାଇଥିଲା । କୋରାପୁଟ ଜିଲ୍ଲାପାଳ ଶ୍ରୀଯୁକ୍ତ ୱି.କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ ।

# ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ହେକ୍ଟର ବ୍ଲାକ୍‌ଷ୍ଟର୍ମର ଶୁଭାରମ୍ଭ

ଗୁରୁଗ୍ରାମ,(ପି.ଏନ): ୧୦୦ ବର୍ଷ ପୁରୁଣା ବିରାସତ ସହିତ ଏକ ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ୍ ଗ୍ୟାରେଜେସ୍) ପକ୍ଷରୁ ଆଜି ଭାରତରେ ଏମ୍‌ଜି ହେକ୍ଟର୍‌ର ନୂଆ ବ୍ଲାକ୍‌ଷ୍ଟର୍ମ ସଂସ୍କରଣର ଶୁଭାରମ୍ଭ କରାଯାଇଛି । ଏମ୍‌ଜି ହେକ୍ଟର ବ୍ଲାକ୍‌ଷ୍ଟର୍ମକୁ ଏକ ଷ୍ଟେରୀ-ବ୍ଲାକ୍ କଲର୍ ଏକ୍ସଟେରିୟର ଏବଂ ଗନ୍ ମେଟାଲ ଆସେଂଟ୍ ସହିତ ବ୍ଲାକ୍ ଥିମ୍ ଇଂଟେରିୟର ସହ ଡିଜାଇନ କରାଯାଇଛି ଯାହା ଭାରତର ପ୍ରଥମ ଇଂଟରନେଟ୍ ଏସ୍‌ୟୁଭିର ଶକ୍ତିଶାଳୀ ଚରିତ୍ରକୁ ପରିପ୍ରକାଶ କରୁଛି । ଏକାଧିକ ଟେକ୍ ଓ କନେକ୍ଟେଡ ଫିଚରଗୁଡିକ ସହ ସୁସଜ୍ଜିତ ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏହାର ସ୍ୱତନ୍ତ୍ର ଲୁକ୍ ସହିତ ଏସ୍‌ୟୁଭି କ୍ରେତାଙ୍କ ପାଇଁ ଶକ୍ତି ଓ ବିଳାସପୂର୍ଣ୍ଣତାର ଏକ ଚମତ୍କାର ପ୍ୟାକେଜ ପ୍ରଦାନ କରୁଛି । ସର୍ବୋତମ ଶ୍ରେଣୀର ଉତ୍ପାଦ ଓ ସ୍ୱତନ୍ତ୍ର ଡିଜାଇନ ଉପାଦାନଗୁଡିକ ସହିତ ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏଡିସନ ୫,୬ ଓ ୭-ସିଟର କନ୍‌ଫିଗରେଶନରେ ଉପଲବ୍ଧ ହେଉଛି । ଏମଜି ହେକ୍ଟର ବ୍ଲାକଷ୍ଟର୍ମ ୨୧.୨୪ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ୍)ର ଆକର୍ଷଣୀୟ ମୂଲ୍ୟ ସହିତ ଆସୁଛି । ହେକ୍ଟର ବ୍ଲାକ୍‌ଷ୍ଟର୍ମ ନିଜର ନିର୍ଭୀକ ଓ ଗତିଶୀଳ କଳା ରଙ୍ଗର ସୌନ୍ଦର୍ଯ୍ୟତା ସହିତ ଧ୍ୟାନ ଅକର୍ଷିତ କରୁଛି, ଡାର୍କ କ୍ରୋମ୍ ବ୍ରାଣ୍ଡ ଲୋଗୋ, ଡାର୍କ କ୍ରୋମ୍ ଆର୍‌ଜିଲେ ଅନୁପ୍ରାଣିତ ଡାଇମଣ୍ଡ ମେଶ୍ ଫ୍ରଂଟ୍ ଗ୍ରିଲ, ସ୍କିଡ୍ ପ୍ଲେଟ୍ ଉପରେ ଡାର୍କ କ୍ରୋମ୍ ଇନ୍‌ସର୍ଟସ, ବଡି ସାଇଡ କ୍ଲାଡିଙ୍ଗ୍‌ରେ ଡାର୍କ କ୍ରୋମ୍ ଟେଲ୍‌ଗେଟ ଗାର୍ଣ୍ଣିସ ଓ ଡାର୍କ କ୍ରୋମ୍ ଫିନିଶ ଦ୍ୱାରା ଏହାର ଲୁକ୍ ଆହୁରି ଉନ୍ନତ ହୋଇଛି । ଏହି ପ୍ରିମିୟମ ଲୁକ୍ ରେଡ୍ କାଲିପର୍ ସହିତ ଆର୍୧୮ ସ୍ପୋର୍ଟି ଅଲ୍ ବ୍ଲାକ୍ ଆଲୟ, ପିଆନୋ ବ୍ଲାକ୍ ରୁଫ୍ ରେଲ୍, ପିଆନୋ ବ୍ଲାକ୍ ବେଜେଲ ସହିତ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ସ୍ମୋକ୍‌ଡ କନେକ୍ଟିଂ ଟେଲ୍ ଲାଇଟ୍, ପ୍ରତ୍ୟେକ ଝଲକରେ ଆକର୍ଷଣୀୟ ଅନ୍‌ଲୁକ ସମେତ ବ୍ଲାକ୍ ହାଇଲାଇଟ୍ ଦ୍ୱାରା ଅଧିକ ଉନ୍ନତ ହୋଇଛି ଏବଂ ଏହା ସଡକରେ ଏକ ନିର୍ଭୀକ ଉପସ୍ଥିତି ସୃଷ୍ଟି କରୁଛି । ଏହାଛଡା ଗ୍ରାହକମାନେ ବିନା କୌଣସି ଅତିରିକ୍ତ ମୂଲ୍ୟରେ ଡିଲରସିପ୍‌ରେ ଫିଟ୍ କରାଯାଇଥିବା ବ୍ଲାକ୍‌ଷ୍ଟର୍ମ ଏମ୍‌ବ୍ଲେମ୍ ପାଇପାରିବେ ।ଏହି ଆକର୍ଷଣୀୟ ଏକ୍ସଟେରିୟର ବ୍ୟତୀତ ଏମ୍‌ଜି ହେକ୍ଟର ବ୍ଲାକ୍‌ଷ୍ଟର୍ମକୁ ଗନ୍ ମେଟାଲ ଆସେଂଟ ସହ ପରିପୂର୍ଣ୍ଣ ଏକ ଚମତ୍କାର ବ୍ଲାକ୍ ଥିମ ଇଂଟେରିୟର ସହ ନିର୍ମାଣ କରାଯାଇଛି ଯାହା ଆଧୁନିକତା ଓ ବିଳାସପୂର୍ଣ୍ଣତା ନିସୃତ କରୁଛି । କନ୍‌ସୋଲ ଓ ଡ୍ୟାଶବୋର୍ଡରେ ଗନ୍ ମେଟାଲ ଗ୍ରେ ଫିନିଶ୍ ସହିତ ଏହି ଏସ୍‌ୟୁଭି ଭାରତର ସବୁଠାରୁ ବଡ ୩୫.୫୬ସେମି (୧୪ ଇଂଚ୍) ଏଚ୍‌ଡି ପୋର୍ଟ୍ରେଟ ଇନ୍‌ଫୋଟେନ୍‌ମେଂଟ୍ ସିଷ୍ଟମ ଓ ଡୁଆଲ ପେନ୍ ପାନୋରାମିକ ସନ୍‌ରୁଫ୍ ସହ ଆସୁଛି । ଫ୍ରଂଟ୍ ହେଡ୍‌ରେଷ୍ଟରେ ବ୍ଲାକ୍‌ଷ୍ଟର୍ମ ଡିବସିଙ୍ଗ ସହିତ ଅଲ୍-ବ୍ଲାକ ଲେଦର ଅପ୍‌ହୋଲ୍‌ଷ୍ଟେରୀ ଓ ଏକ ଗନ୍ ମେଟାଲ ଫିନିଶ ସହ ଲେଦର-ରାପ୍‌ଡ ଷ୍ଟିଅରିଂ ହ୍ୱିଲ୍ ଏହାର ପ୍ରିମିୟମ ଲୁକ୍‌କୁ ଆହୁରି ଉନ୍ନତ କରୁଛି ।ଏହି ଲଂଚ୍ ସମ୍ପର୍କରେ ଏମ୍‌ଜି ମୋଟର ଇଣ୍ଡିଆର ଚିଫ୍ କମର୍ସିଆଲ ଅଫିସର ସତିନ୍ଦର ସିଂହ ବାଜ୍‌ୱା କହିଛନ୍ତି, ' ଏମ୍‌ଜି ହେକ୍ଟର ୨୦୧୯ରେ ଏହାର ଲଂଚ୍ ପରଠାରୁ ଭାରତୀୟ ଏସ୍‌ୟୁଭି ଉତ୍ସାହୀଙ୍କ ମଧ୍ୟରେ ଲୋକପ୍ରିୟତାକୁ ଉପଭୋଗ କରୁଛି । ଆଜି ଆମ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଚିହ୍ନିତ ହୋଇଛି କାରଣ ଆମେ ହେକ୍ଟର୍‌ର ବ୍ଲାକ୍‌ଷ୍ଟର୍ମ ଏଡିସନର ଶୁଭାରମ୍ଭ କରିଛୁ । ଏମ୍‌ଜିରେ ଆମେ ଆମର ଗ୍ରାହକଙ୍କ ସଂତୁଷ୍ଟୀକରଣ ପ୍ରତି ଏକ ସ୍ଥିର ପ୍ରତିବଦ୍ଧତା ଓ ଏକ ସମୃଦ୍ଧ ଐତିହ୍ୟ ଦ୍ୱାରା ପରିଚାଳିତ ହେଉଛୁ । ହେକ୍ଟର ବ୍ଲାକ୍‌ଷ୍ଟର୍ମ ବାଧାମୁକ୍ତ ଭାବେ ଶକ୍ତି, ବିଳାସପୂର୍ଣ୍ଣତା ଓ ଆଡ୍‌ଭାନ୍ସଡ ଟେକ୍ନୋଲୋଜିର ମିଶ୍ରଣ କରି ସ୍ୱତନ୍ତ୍ର ଓ ଗୁଣାତ୍ମକ ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ଉତ୍ସର୍ଗୀକୃତତାକୁ ଧାରଣ କରିଛି । ଏକ ରିଫାଇନ୍‌ଡ ବ୍ଲାକ୍-ଥିମ୍‌ଡ ଇଂଟେରିୟର ଓ ଗନ୍ ମେଟାଲ ଆସେଂଟ୍ ସହ ଜଡିତ ବୋଲ୍ଡ ବ୍ଲାକ୍ ଆଏସ୍ଥେଟିକ୍ସ ଥିବା ଏହି ସ୍ୱତନ୍ତ୍ର ଏକ୍ସଟେରିୟର ସହିତ ଏହି ଏଡିସନ ଆଧୁନିକତା ଓ ଉତ୍କର୍ଷତା ଉପରେ ଆମର ଗୁରୁତ୍ୱକୁ ପ୍ରତିଫଳନ କରୁଛି ।'ହେକ୍ଟର୍‌ର ବ୍ଲାକ୍‌ଷ୍ଟର୍ମ ଏଡିସନରେ ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଫ୍ଲୋଟିଙ୍ଗ ଲାଇଟ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍‌ଇଡି ବ୍ଲେଡ କନେକ୍ଟେଡ ଟେଲ ଲ୍ୟାମ୍ପ ରହିଛି ଏବଂ ଏହା ୧୭.୭୮ସେମି ଏମ୍ବେଡେଡ ଏଲ୍‌ସିଡି ସ୍କ୍ରିନ ସହ ଏକ ଫୁଲ ଡିଜିଟାଲ କ୍ଲଷ୍ଟର, ୱାୟାରଲେସ୍ ଆପଲ କାର୍‌ପ୍ଲେ ଓ ଆଣ୍ଡ୍ରଏଡ୍ ଅଟୋ ଓ ୱାୟାରଲେସ୍ ଫୋନ୍ ଚାର୍ଜର ସହିତ ଆସୁଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ବ୍ଲାକ୍‌ଷ୍ଟର୍ମ ହେକ୍ଟର୍ ଏକ ସ୍ମାର୍ଟ ଚାବି ସହିତ ପୁଶ୍ ବଟନ ଇନ ଷ୍ଟାର୍ଟ/ଷ୍ଟପ୍ ପ୍ରଦାନ କରୁଛି ।ନୂଆ ଏଡିସନ ସେଗ୍‌ମେଂଟ୍‌ର ପ୍ରଥମ ଡିଜିଟାଲ ବ୍ଲୁଟୁଥ୍ କୀ ଓ କୀ ସେୟାରିଂ କ୍ଷମତା ଏବଂ ୧୦୦ ଭଏସ୍ କମାଣ୍ଡ ସମେତ ୭୫ରୁ ଅଧିକ କନେକ୍ଟେଡ ଫିଚର ପ୍ରଦାନ କରୁଛି । ଏହାକୁ ଏମ୍‌ଜିର ନିଜସ୍ୱ ଆଇ-ସ୍ମାର୍ଟ ଟେକ୍ନୋଲୋଜି ସହ ସମ୍ଭବ କରାଯାଇଛି ଯାହା ଅଧିକ ସ୍ମାର୍ଟ ଓ ଉପଭୋଗ୍ୟ ଚାଳନା ପାଇଁ ହାର୍ଡୱେୟାର, ସଫ୍ଟୱେୟାର, କନେକ୍ଟିଭିଟି, ସର୍ଭିସ୍ ଓ ଆପ୍ଲିକେଶନକୁ ଏକତ୍ରିତ କରୁଛି ।ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏକ ଷ୍ଟାଣ୍ଡାର୍ଡ ୩+୩+୩ ପ୍ୟାକେଜ ସହିତ ସ୍ୱତନ୍ତ୍ର କାର୍ ମାଲିକାନା ପ୍ରୋଗ୍ରାମ 'ଏମ୍‌ଜି ସିଲ୍ଡ' ବିକ୍ରି-ପରବର୍ତୀ ସେବା ବିକଳ୍ପଗୁଡିକ ସହ ଆସୁଛି, ଉଦାହରଣ ସ୍ୱରୁପ ଅସୀମିତ କିଲୋମିଟର ପାଇଁ ୩ ବର୍ଷର ୱାରେଂଟି, ୩ ବର୍ଷର ରୋଡ୍‌ସାଇଡ ଆସିଷ୍ଟାନ୍ସ ଓ ୩ଟି ଲେବର୍-ଫ୍ରି ପିରିଓଡିକ ସର୍ଭିସ୍ । ଏହାଛଡା ଏମ୍‌ଜି ହେକ୍ଟର ବ୍ଲାକଷ୍ଟର୍ମ ମାଲିକଙ୍କ ନିକଟରେ ନିଜର ୱାରେଂଟି, ଆର୍‌ଏସ୍‌କୁ ବୃଦ୍ଧି କରିବା ପାଇଁ କଷ୍ଟମାଇଜ୍‌ଡ ବିକଳ୍ପ ରହିବ ଏବଂ ସେମାନେ ପ୍ରୋଟେକ୍ଟ ପ୍ଲାନଗୁଡିକୁ ଚୟନ କରିପାରିବେ ଯାହା ମାନସିକ ଶାଂତି ଓ ଏକ ଚାପମୁକ୍ତ ମାଲିକାନା ଅନୁଭୂତି ପାଇଁ କମ୍ପାନୀର ପ୍ରିପେଡ ମେଂଟେନାନ୍ସ ପ୍ୟାକେଜ ଅଟେ ।



ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday April 12, 2024 | ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୧୨,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ଲେଖନପୁର ପ୍ରିମିୟର ଲିଗ ସିଜିନ ୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ରଣପୁର,(ପ.ଏନ): ରଣପୁର ସ୍ଥିତ କୋଇଲାମା ଠାରେ ଲେଖନପୁର ପ୍ରିମିୟର ଲିଗ ସିଜିନ ୪ କ୍ରିକେଟ ଟୁର୍ନାମେଣ୍ଟ ଲିଗ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ଏହି ମ୍ୟାଚ୍‌ରେ ବ୍ଲାଷ୍ଟର ଏକାଦଶ ଏବଂ ବଜରଙ୍ଗୀ ଏକାଦଶ ମଧ୍ୟରେ ମ୍ୟାଚ୍ ଅନିଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ଓ ଯୁବ ସମାଜସେବୀ ତ୍ରିନାଥ ବିଶ୍ୱାଳ ଯୋଗଦେଇ ଉଭୟ ଦଳ ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।ଏହି ଲିଗ ମ୍ୟାଚ୍‌ରେ ବ୍ଲାଷ୍ଟର ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ୱାଇକେଟ ହରେଇ ୯୫ ରନ ସଂଗ୍ରହ କରିଥିଲେ। ଏବଂ ବଜରଙ୍ଗୀ ଟିମ ୯୧ ରନ କରି ଅଲ ଆଉଟ ହେଇଥିଲା।ଶେଷରେ ବ୍ଲାଷ୍ଟର ଟିମ ବିଜୟୀ ଲାଭ କରିଥିଲା।

## ବାଇକ ସହ କାର ଦୁର୍ଘଟଣା:ବାଇକ ଚାଳକଙ୍କ ମୃତ୍ୟୁ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର) : ସଦରଥାନା ଅନ୍ତର୍ଗତ କୁକୁଡାଖଣ୍ଡି ହନୁମାନ ମନ୍ଦିର ମୁଖ୍ୟ ରାସ୍ତା ରେ ମଙ୍ଗଳବାର ରାତ୍ରରେ କାର ସହ ବାଇକ କୁ ଦୁର୍ଘଟଣା ଘଟି ବାଇକ ଚାଳକଙ୍କ ମୃର୍ତ୍ୟୁଘଟିଛି ।ସୂଚନା ଅନୁଯାଇ ଓଆର୦୨ଏକେ୪୪୯ ହୋଣ୍ଡା କାର ଟି ହିଞ୍ଜିଳି ରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତି ରେ ଆସୁଥିବା ବେଳେ ବାଇକ ଚାଳକ ଜଣକ ବ୍ରହ୍ମପୁର ରୁ ନିଜ ଗାଁ ଅଲାରିଗଡ଼ ଅଭିମୁଖେ ଏକ ମଟର ସାଇକେଲ ଯୋଗେ ୨ ଜଣ ଯାଉଥିଲେ କ୍ଷ କୁକୁଡାଖଣ୍ଡି ହନୁମାନ ମନ୍ଦିର ନିକଟରେ ଦୃଘଟଣା ଘଟିଥିଲା ଯାହା ଫଳ ରେ ବାଇକ ଚାଳକ ଅଲାରୀଗଡ଼ ଗ୍ରାମର ମହେନ୍ଦ୍ର ସ୍ୱାଇଁ( ୨୯ ) ଙ୍କ ମୃର୍ତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବନ୍ଧୁ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ସାନଖେମୁଣ୍ଡି ବିଧାୟକ ତଥା ଗରିବ ଲୋକଙ୍କ ସାଥୀ ଶ୍ରୀ ରମେଶ ଚନ୍ଦ୍ର ଜେନା ଙ୍କ ସହାୟତା ରେ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସଦର ଥାନା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ କରି କାରକୁ ଜବତ କରି ଡ୍ରାଇଭରଙ୍କୁ ୧୫୪/୨୪ ମାମଲା ରୁଜୁ କରି କୋର୍ଟ ସ୍ଥାନାନ୍ତର କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି ।

## ଇଦ୍ ଉଲ୍ ଫିତର ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ



ରଣପୁର,(ପି.ଏନ): ଆଜି ରଣପୁର ମୁସଲିମ ସାହିରେ ମୁସଲମାନ ସମ୍ପ୍ରଦାୟର ଭାଇଚାରାର ପର୍ବ ଇଦ୍ ଉଲ୍ ଫିତର ବୋହୁତ ଆନନ୍ଦ ଉଲ୍ଲାସରେ ପାଳନ ହୋଇ ଯାଇଛି ରମଜାନ ମାସ ଉପବାସ ରଖିବା ପରେ ଆଜି ମୁସଲମାନ ଭାଇ ଓ ଭଉଣୀ ମାନେ ନୂଆ ପୋଷାକ ଭଲ ଭଲ ପକ୍-ୱାନ ବନେଇବା ସହିତ ଗରିବ ଲୋକଙ୍କୁ ଦାନ କରି ପର୍ବ କୁ ପାଳନ କରିଛନ୍ତି। ଆଜି ଏହି ଖୁସିର ଦିନରେ ତାଙ୍କ ସହିତ ରଣପୁର ଯୁବ ନେତା ତଥା ଓଡିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ମୁସଲମାନ ଭାଇଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ସହିତ ମିଶି ଇଦ୍ ପର୍ବ ପାଳନ କରିଛନ୍ତି ଏବଂ ତାଙ୍କ ସହିତ ରଣପୁର ବାର ଆସୋସିଏସନ ଉପ ସଭାପତି ଉମେଶ ସାହୁ ସମେତ ମିର୍ ଅବୁବକର ସିଦ୍ଦିକି,ଶେଖ୍ ଲିଆକତ୍ ଅଲ୍ଲୀ, ମିର ନାଲ ମହମ୍ମଦ,ମୀର ୱାହବ, ମୀର ତତାର , ଇସାଖ ଖାଁ,ମୀର ଇନାତ୍, ମୀର ସେରୁ,ରୁଷ୍ଟମ ଖାଁ, କୁବନା ଖାଁ ସେଖ ସର୍ଦ୍ଦାର, ମୀର ସମୁଦ, ମିର କରିମା , ଅବିଦ୍ ଖାଁ , ମୁନା ଖାଁ , ଅଜିତ ଖାଁ , ମିଶି ଇଦ୍ ପର୍ବ ପାଳନ କରିଥିଲେ

## ମଦ ଜବତ ଜଣେ ଗିରଫ



କାକଟପୁର,(ପି.ଏନ): ଗତ ବୁଧବାର ସନ୍ଧ୍ୟାରେ କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଡେଇ ହାଟ ନିକଟରେ ପାନ ଦୋକାନ କରିଥିବା ଛୋଟରାୟପୁର ଗ୍ରାମର ସ୍ୱର୍ଗତ ଦୁଃଶାସନ ନାୟକଙ୍କ ପୁଅ ସୁଶାନ୍ତ ନାୟକ (୩୫) ଚୋରା ମଦ ବିକୁଥିବା ଖବର ପାଇ କାକଟପୁର ଥାନା ଏସ ଆଇ ଅତସୀ ଜେନା ସଦଳବଳେ ଚଢ଼ାଉ କରିଥିବା ସମୟରେ ତା ନିକଟରୁ ମୋଟ ୪ ଲିଟର ଦେଶୀ ଓ ବଦେଶୀ ମଦ ଜବତ କରିଥିଲେ । ଓଡିଶା ଅବକାରୀ ଆଇନି ଅନୁଯାୟୀ ୮୮/୨୪ ରେ ଏକ ମାମଲା ରୁଜୁ କାରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ମାମଲାକୁ ଥାନା ଏ ଏସ ଆଇ ବିଶ୍ୱନାଥ ପଟନାୟକ ତଦନ୍ତ କରୁଛନ୍ତି ।

## ଭୂତଳ ପାଇପ୍ ପ୍ରକଳ୍ପ ପାଇଁ ବଳିପଡୁଛି ଅନେକ ବୃକ୍ଷ

ଜେନାପୁର,(ପି.ଏନ୍): 'ବୃକ୍ଷ ହିଁ ଜୀବନ' ବାୟୁମଣ୍ଡଳ ବଞ୍ଚିବା ପାଇଁ ଅମ୍ଲଜାନ ନିହାତି ଆବଶ୍ୟକ ସେଥିପାଇଁ ପ୍ରତ୍ୟେକ ମନୁଷ୍ୟ ବୃକ୍ଷ ରୋପଣ କରିବା ଦରକାର। ଏଥି ପ୍ରତି ସରକାର ଯଥେଷ୍ଟ ଯତ୍ନବାନ୍ ଥିଲା ବେଳେ ଅନେକ ପ୍ରକଳ୍ପ ପାଇଁ ବୃହତ୍ତ ବୃକ୍ଷ ଗୁଡିକ ଅନାବଶ୍ୟକ ଭାବେ ବଳିପଡୁଥିବାର ଦେଖିବାକୁ ମିଳୁଛି । ସରକାର ଜାତୀୟ ରାଜ ରାସ୍ତା ପାର୍ଶ୍ୱରେ ସବୁଜ ବନାନୀ ସୃଷ୍ଟି କରି ଧୂଳି ଧୂଆଁ ବାୟୁରୁ ରକ୍ଷା କରିବା ପାଇଁ ଚେଷ୍ଟା ଜାରୀ ରଖିଛନ୍ତି ସତ କିନ୍ତୁ ବାସ୍ତବ ଚିତ୍ର ଓଲୋଟା ଦେଖିବାକୁ ମିଳେ । ରାସ୍ତା ଓସାର ପାଇଁ ହଜାର ହଜାର ବୃକ୍ଷ କଟାଯାଉଥିବା ଅନୁପାତରେ ଚାରାରୋପଣ ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ତାହାର ସିଧା ପ୍ରଭାବ ଅଞ୍ଚଳବାସୀ ଭୋଗୁଛନ୍ତି । ସେହି ସ୍ଥାନଟି ହେଉଛି ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ୍ - ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଗଲେ କୁସୁନପୁର ପେଟ୍ରୋଲ ପମ୍ପ ନିକଟରେ ଦେଖିବାକୁ ପାଇବେ। ଲୁହା ପଥର ପରିବହନ ପାଇଁ ସୁରୀ ପାଇପ ପ୍ରକଳ୍ପ କାମ ଚାଲୁଥିବାରୁ ରାସ୍ତା ପାର୍ଶ୍ୱରୁ ଶହଶହ ବୃକ୍ଷ ନଷ୍ଟ ହେଉଛି । ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯାଇଥିବା ବେଳେ ଏହି ବୃକ୍ଷ ମୂଳର ୧୦ ଫୁଟରୁ ଅଧିକ ଖାତ କରାଯାଇ ପାଇପ ବିଛା ଚାଲିଛି । ଏହି କାମ ଚାଲୁଥିବା ଦ୍ୱାରା ଅନେକ ଗଛ ନଷ୍ଟ କରାଯାଉଥିବା ଦେଖିବାକୁ ମିଳିଛି । ଗ୍ରୀଷ୍ମ ଦିନ ଚାଲୁ ରହିଥ?ିବାରୁ ଅନେକ ଗଛ ମରିବାର ସମ୍ଭାବନା ରହିଛି । ଏହି ଗଛ ସବୁ କାଟିବାକୁ ଅନୁମତି ମିଳିଛି କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯାହାକୁ ନେଇ ପରିବେଶବିତ ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ରାସ୍ତାର ପାର୍ଶ୍ୱରେ ଗଛ ନଷ୍ଟ ହେଉଥିଲେ ମଧ୍ୟ ଏହା ବନବିଭାଗ ପାଖରେ ଖବର ରହିଛି କି ନାହିଁ ତାହା ତଦନ୍ତ ସାପେକ୍ଷ । ଏହିଭଳି ପାଇପ କାମ ପାଇଁ ଅନେକ ଗଛ ନଷ୍ଟ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ତୁରନ୍ତ ଏହା ଉପରେ ବନବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ଲକ୍ଷଣାନନ୍ଦ ସରସ୍ୱତୀଙ୍କର ବିଗ୍ରହରେ ମାଲ୍ୟାର୍ପଣ କରି ତାଳଚେରରେ ପ୍ରଚାର ଆରମ୍ଭ କଲେ ରୁଦ୍ର ପାଣି

ତାଳଚେର,(ପି.ଏନ):ପ୍ରାକ୍ତନ ସାଂସଦ ତଥା ବିଜେପିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଆଜି ଗୁରୁବାର ଅପରାହ୍ଣ ରେ ତାଳଚେର ଗସ୍ତ କରିଛନ୍ତି।ଗୋଡିବନ୍ଧ ଛକରେ ବିଜେପିର ତାଳଚେର ବିଧାନସଭା ପ୍ରାର୍ଥୀ କାଳନ୍ଦି ସାମଲ ଉପସ୍ଥିତ ରହି ଶ୍ରୀ ପାଣି ଙ୍କୁ ସ୍ୱାଗତ କରିଥିଲେ।ବ୍ରହ୍ମଲୀନ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀ ଙ୍କର ପୈତୃକ ଗ୍ରାମ ଗୁରୁଜାଙ୍ଗ ରେ ପହଂଚି ସେଠାରେ ସ୍ୱାମୀଜୀ ଙ୍କର ବିଗ୍ରହ ରେ ଉଭୟ ନେତା ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରି ପ୍ରଚାର ଆରମ୍ଭ କରିଥିଲେ।

## ବେପାରୁଆ ଗାଡି ଚାଳନା ୩ମୃତ୍ୟୁ ୨ ଗୁରୁତ୍ୱର ୨ ଆହତ

କୋରାପୁଟ,(ପି.ଏନ୍): ଜୟପୁର ବ୍ଲକ୍ ଅନ୍ତର୍ଗତ ଧନପୁର ଗ୍ରାମ ପଞ୍ଚାୟତ ଡୁମୁରିଗୁଡ଼ା ଗ୍ରାମ ନିକଟରେ ଦୁଇଟି ବାଇକ୍ ମୁହାମୁହିଁ ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ତିନି ଜଣ ଯୁବକ ପ୍ରାଣ ହରାଇଥିବା ବେଳେ ୨ ଜଣ ଗୁରୁତ୍ୱର ଅବସ୍ଥାରେ ଚିକିତ୍ସାଧୀନ ଥିବା ଏବଂ ଅନ୍ୟ ୨ ଜଣ ଅତ୍ୟନ୍ତ ଗୁରୁତ୍ୱର ଆହତ ହୋଇଥିବା ଜଣାପଡିଛି। ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ଏସଆଇ ଆର୍ କେ ବାରିକ ପୋଲିସ ପେଟ୍ରାଲିଂ କରୁଥିବା ସମୟରେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଦୁର୍ଘଟଣା ହେଇଥିବା ସ୍ଥଳ ରୁ



ଜୟପୁରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଜଣକୁ ଜୟପୁର ଘରଇ ହସ୍ପିଟାଲ ରେ ଭର୍ତ୍ତି କରିଥିଲେ ଓ ଅନ୍ୟ ଦୁଇ ଜଣଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ହେଉଥିବା ଥାନା ଅଧିକାରୀ ଶ୍ରୀ ତାଣ୍ଡି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଭଳି ଦୁର୍ଘଟଣା ପାଇଁ ଜିଲ୍ଲା ପରିବହନ ବିଭାଗ ଅଧିକାରୀଙ୍କ ଯାଞ୍ଚରେ ଅବହେଳା ଯୋଗୁଁ ଦିନକୁ ଦିନ ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଛି , କାରଣ କେବଳ ମୁଖ୍ୟ ଜାତୀୟ ରାଜପଥ ରେ ରହି ଯିବା ଆସିବା ଦୁଇ ଚକିଆ ଯାନ ଚାରି ଚକିଆ ଯାନ, ଭାରି ଯାନ ଗୁଡିକୁ ଜୋରିମାନା ଆଦାୟ ସହ ଉକ୍ତ ନେଉଥୀବା ସାଧାରଣରେ ଚର୍ଚ୍ଚା ହୋଇଛି। ମୃତ ବ୍ୟକ୍ତି ମାନେ ହେଉଛନ୍ତି ପଦ୍ମନ ହରିଜନ ଧନପୁର ଗ୍ରାମର ହୋଇଥିବା ବେଳେ, ଗୋପାଳ ହରିଜନ ଜୟନ୍ତଗିରି ଗ୍ରାମର, ଅନ୍ୟ ଜଣେ ଦୂର୍ଯ୍ୟ କେର୍ଟା ସାନମଣ୍ଡାପଦର୍ ବୋଲି ସୂଚନା ମିଳିଛି।

## ୨୪ ବର୍ଷ ନବୀନ ଶାସନରେ ଜନତା ମୌଳିକ ସମସ୍ୟାରୁ ବଂଚିତ-କଂଗ୍ରେସ

ଭୁବନେଶ୍ୱର,(ପି.ଏନ):୨୪ ବର୍ଷ ଶାସନ କଳାପରେ ମଧ୍ୟ ବିଜେଡ଼ି ସରକାର ଜନତାଙ୍କୁ ମୌଳିକ ସୁବିଧା ଦେବାରେ ବିଫଳ ହୋଇଛି ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ ଦାଶ ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୭ ତାରିଖ ଦିନ ଓଟିଭିରେ ପ୍ରସାରିତ କେନ୍ଦୁଝର ସଦର ଅନ୍ତର୍ଗତ ସରଳାପେଣ୍ଠ ଏବଂ ଗୋବିନ୍ଦପୁର ଗ୍ରାମରେ ଜନତା ଚୂଆରୁ ପିଇବା ପାଣି ସଂଗ୍ରହ କରିବାର ଦୃଶ୍ୟ ବିଜେଡି ସରକାରଙ୍କର ଅସଲ ମୁଖା ଖୋଲିଛି ଖାଲି ସେତିକି ନୁହେଁ ପିଇବାପାଣି ଦାବିରେ ବିଭିନ୍ନ ରାସ୍ତା ଅବରୋଧ, ଭୋଟ ବର୍ଜନର ଧମକ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଗୋଟିଏ ସରକାର ୨୫ ବର୍ଷ ଶାସନ କରି ଜନତାଙ୍କୁ ମୌଳିକ ସୁବିଧା ଏମିତିକ ଅତି ଆବଶ୍ୟକ ପିଇବାପାଣି ଯୋଗାଇବାରେ ବିଫଳ ହୋଇଛି। ବିଜେଡ଼ି ବିକାଶ କଥା କହି ଆସୁଛି କିନ୍ତୁ ଓଡ଼ିଶାର କି ପ୍ରକାର ବିକାଶ ହୋଇଛି ତା'ର ବିସ୍ତୃତ ବିବରଣୀ କେବେ ଦିଏ ନାହିଁ। ଶ୍ରୀ ଦାଶ ଅଭିଯୋଗ କରିଛନ୍ତି ଯେ ଅନେକ ବିକାଶ ସୂଚକାଙ୍କରେ ଓଡ଼ିଶା ଢ଼େର ପଛରେ ଏବଂ ଖରାପ ସୂଚକାଙ୍କରେ ଓଡ଼ିଶା ବହୁ ଆଗରେ ଏହା ହେଉଛି ବିଜେଡ଼ି ସରକାରର ଅସଲ ବିକାଶର ଧାରା। ନବୀନ ବାବୁ ବାମ ହାତରେ ନଳରୁ ଜଳ ପିଇବାର ସୁନ୍ଦର ହୋର୍ଡି ଆମ ସମସ୍ତଙ୍କ ନଜରକୁ ଆସିଛି। ଅବୈଧ ଇଲେକ୍ଟୋରଲାର ବଣ୍ଡ ମାଧ୍ୟମରେ ୯୦୬ କୋଟି ଟଙ୍କା ଚାନ୍ଦା ଦେଇଥିବା ହାଇଦ୍ରାବାଦ ସ୍ଥିତ ମେଘା ଇନିୟରିଂ ଆଣ୍ଡ ଇନଫ୍ରା କମ୍ପାନୀକୁ




ଓଡ଼ିଶା ସରକାର ବୃହତ ପାନୀୟ ଜଳ ପ୍ରକଳ୍ପ ପାଇଁ ୪୫୧୨ କୋଟି ଟଙ୍କା ଦେଇଛନ୍ତି। କିନ୍ତୁ ୫ ବର୍ଷରେ ପିଇବା ପାଣି ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଏହି ସବୁ ବଡ଼ ବଡ଼ ପ୍ରକାଳ୍ପ କରିବାପାଇଁ ସରକାର କାହିଁକି ଓ କିଭଳି ନେଲେ ତାହାର ଅନୁସନ୍ଧାନ ଜରୁରୀ। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟ ଅଣ ଓଡ଼ିଆ ଠିକାଦାର ମାନଙ୍କୁ ଦିଆଗଲା। ଯେଉଁ ପ୍ରକଳ୍ପରେ ବେଶୀ ଅର୍ଥ ସେଠାରେ ବେଶି ପିସି କାରବାର ହେବାରେ ସମ୍ଭାବନା ଅଛି। ଏହା ବ୍ୟତୀତ ସେହି କମ୍ପାନୀ ବହୁତ ପ୍ରେଜେକ୍ଟ ସମୟରେ ସାରି ନାହିଁ ଏବଂ ଯେଉଁ କମ୍ପାନୀଟି ୯୬୬ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ କିଣିଛି ତାକୁ ଠିକ ସମୟରେ କାମ ସାରିବାକୁ ତାଗିତ କରିବାକୁ ସରକାର କେତେ ସାହସ ଅଛି ତାହା ସମୟ କହିବ। ଆପଣ କେତେ ପ୍ରୋଜେକ୍ଟ ଅନୁମୋଦନ କଲେ କେତେ ଟଙ୍କା ଖର୍ଚ୍ଚ କଲେ, କେତେ ଲୋକ ଲାଭବାନ ହେବାକୁ ଅନୁମୋଦନ କଲେ ସେ ଗୋଟିଏ ପ୍ରସଙ୍ଗ କିନ୍ତୁ ସେଥିରୁ ଜନତା କେତେ ଉପକୃତ ହେଲେ ତାର ଚିତ୍ର ବିଭିନ୍ନ ସର୍ଭେ ମାଧ୍ୟମରେ ଅନୁସନ୍ଧାନରୁ ଜଣାପଡ଼େ। ଗତ ମାର୍ଚ୍ଚ ୨୦୨୩ ମାସରେ ପ୍ରକାଶିତ ଏନଏସଏସ (NSS) ୭୮ ରାଉଣ୍ଡ ରିପୋର୍ଟ ଓଡ଼ିଶାର କରୁଣ କାହାଣୀ ବର୍ଣ୍ଣନା କରେ। ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ପିଇବା ପାଣିର ସମସ୍ୟା ଆମ ରାଜ୍ୟରେ ଅତ୍ୟନ୍ତ ଉତ୍କଟ। ଏହି ରିପୋର୍ଟ ଅନୁସାରେ ସର୍ବଭାରତରେ ୩୫.୫% ଲୋକ ନଳ ଯୋଗେ ପିଇବା ପାଣି ପାଉଥିବା ବେଳେ ଆମ ରାଜ୍ୟରେ ମାତ୍ର ୧୩.୫% ଲୋକ ନଳ ଯୋଗେ ପାଣି ପାଆନ୍ତି। ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ଓଡ଼ିଶାର ସ୍ଥାନ ୩୨ ତମ। ଓଡ଼ିଶାରେ ମାତ୍ର ୨୬.୬% ଲୋକଙ୍କର ପିଇବା ପାଣିର ସ୍ୱତନ୍ତ୍ର ବ୍ୟବହାର ସୁବିଧା ଥିବା ବେଳେ ସର୍ବଭାରତ ସ୍ତରରେ ଏହା ୫୪.୫% ୩୬ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ ବିଚାରକୁ ନେଲେ ଆମ ରାଜ୍ୟ ୩୫ ତମ ସ୍ଥାନରେ। ଆଜିବି ଓଡ଼ିଶାରେ ୬୬.୯% ଲୋକ ଘର ବାହାରକୁ ଯାଇ ପାଣି ଆଣୁଛନ୍ତି ଯାହା ଅନ୍ୟ ସବୁ ରାଜ୍ୟ ତୁଳନାରେ ସର୍ବାଧିକ। ଓଡ଼ିଶାରେ ୯୨.୮୫ ଲୋକଙ୍କର ପିଇବାପାଣିର ସୁବିଧା ଉପଲବ୍ଧ। ଆଜିବି ପ୍ରାୟ ୭% ଲୋକଙ୍କ ପାଖରେ ପିଇବାଯୋଗ୍ୟ ପାଣି ଅପହଂଚ। ଓଡ଼ିଶାରେ ଗ୍ରାମାଂଚଳରେ ୩୬.୪% ଏବଂ ସହରାଂଚଳରେ ୧୯% ଲୋକଙ୍କର ଏମିତି ଓଡ଼ିଶାରେ ମୋଟ ୩୩.୬% ଶୌଚାଳୟ ସୁବିଧା ନାହିଁ ଯାହା ଅନ୍ୟରାଜ୍ୟମାନଙ୍କ ତୁଳନରେ ସର୍ବାଧିକ। ରନ୍ଧନ ଗ୍ୟାସ ଏବଂ ଧୂଆଁ ମୁକ୍ତ ରୋଷେଇ ଅବସ୍ଥା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଅବସ୍ଥା ଦୟନୀୟ। ଓଡ଼ିଶାରେ ଗ୍ରାମାଂଚଳରେ ମାତ୍ର ୨୩.୪% ଏବଂ ସହରାଂଚଳରେ ୭୩.୩% ଏମିତି ମୋଟ ୩୧.୪% ପରିବାର ଗ୍ୟାସରେ ରନ୍ଧନ କରନ୍ତି ଯାହା ଭାରତରେ ଛତିଶଗଡ଼ ଛଡ଼ା ଅନ୍ୟସବୁ ରାଜ୍ୟଠାରୁ କମ। ଏବେବି ରାଜ୍ୟରେ ୬୭.୩% ପରିବାର କାଠ ଇତ୍ୟାଦିରେ ରାନ୍ଧନ୍ତି ଯାହା ଦେଶର ଅନ୍ୟସବୁ ରାଜ୍ୟଠାରୁ ଅଧିକ। ଏହା ହେଉଛି ଓଡ଼ିଶାର ବାସ୍ତବ ଚିତ୍ର। ଏଇଟା ହେଉଛି ନବୀନ ଓଡ଼ିଶା ମହାକାଳ ଫଳ। ପ୍ରଚାର ଦେଖିଲେ ଭାରି ସୁନ୍ଦର ଭିତରେ ଦେଖିଲେ ପୋଡ଼ା ଅଙ୍ଗାର। ଖରାଦିନେ ଗାଁଗଣ୍ଡାରେ ରହୁଥିବା ଲୋକଙ୍କୁ ପାଣି ନମିଳିବାର କଷ୍ଟ ଶୀତତାପ ଘରେ ରହୁଥିବା ଲୋକ ଅନୁଭବ କରି ପାରିବେ ନାହିଁ। ଦୁଃଖ ଦୁର୍ଦ୍ଦଶାରେ ରହୁଥିବା ଲୋକଙ୍କ ପ୍ରତି ଆମେ ସହାନୁଭୂତିଶୀଳ ହେବା ଉଚିତ ନୁହେଁ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସାମାଜିକ ଗଣମାଧ୍ୟମ ଅଧକ୍ଷ ଶ୍ରୀ ଅମିୟ ପାଣ୍ଡବ ଏବଂ ନଳିନୀକାନ୍ତ ନାୟକ ଉପସ୍ଥିତ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray